୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.29 Bhubaneswar Monday March 04 2024 | ୨୬ତମ ବର୍ଷ ସଂଖ୍ୟା–୨୯ ଭୁବନେଶ୍ୱର, ସୋମବାର, ମାର୍ଚ୍ଚ ୦୪, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹1.50 | (Air Surcharge - 0.50P) | Member-INS















# ଟି ଟାଇମ୍

## ଶହେ ବର୍ଷ ପରେ କନ୍ୟା ସନ୍ତାନ



ଇଂଲଣ୍ଡର ସିଲଭରଟନ ପରିବାରରେ ଦୀର୍ଘ ଶହେ ବର୍ଷ ପରେ ଏକ କନ୍ୟା ସନ୍ତାନ ଜନ୍ମ ହୋଇଛି । ଗତ ଚାରି ପିଢ଼ି ଧରି ଏହି ପରିବାରରେ କେବଳ ପୁତ୍ର ସନ୍ତାନ ଜନ୍ମ ହେଉଥିଲେ । ଉକ୍ତ ପରିବାରରେ ୧୯୧୩ଠାରୁ ବର୍ତ୍ତମାନ ପର୍ଯ୍ୟନ୍ତ ୧୬ଟି ପୁଅ ଜନ୍ମ ହୋଇଛନ୍ତି । ଦୀର୍ଘ ଦିନ ଧରି ଏହି ପରିବାର କନ୍ୟା ସନ୍ତାନକୁ ଅପେକ୍ଷା କରି ରହିଥିଲେ । ଏହା ପୂର୍ବରୁ ଉକ୍ତ ପରିବାରରେ ୧୦୧ ବର୍ଷ ତଳେ ଝିଅ ଜନ୍ମ ହୋଇଥିଲା ।

## ଟର୍ମିନେଟର୍ ବ୍ୟକ୍ତି



ନିଜେଲ ଆର୍କଲ୍ୟାଣ୍ଡ। ତାଙ୍କ ବୟସ ୫୩ ବର୍ଷ। ସେ ନିଜକୁ ପ୍ରସିଦ୍ଧ ହଲିଉଡ୍ ଫିଲ୍ମ ଟର୍ମିନେଟର୍ ଆର୍ନଲ୍ଡ ଶ୍ୱାଜର୍ଣ୍ଣେଗର ଭାବୁଛନ୍ତି। ଏହାର କାରଣ ସେ ନିଜ ହାତରେ ଏକ ବାୟୋଇଲେକ୍‌ଟ୍ରିକ୍ ପ୍ରୋସ୍ଥେଟିକ୍ ଆର୍ମ ଲଗାଇଛନ୍ତି। ହାର୍ଟ ଫୋର୍ଡଶାୟର୍‌ରେ ବାସ କରୁଥିବା ନିଜେଲ୍ କାରଖାନାରେ ହୋଇଥିବା ଏକ ଦୁର୍ଘଟଣାରେ ନିଜ ହାତ ହରାଇ ବସିଥିଲେ। ତେଣୁ ସେ ଏବେ ଗୋଟିଏ ପ୍ରୋସ୍ଥେଟିକ୍ ହାତ ଲଗାଇଥିବା ଜଣାପଡିଛି । 'ବେବୋନିକ୍ ୩' ବର୍ତ୍ତମାନର ସବୁଠାରୁ ଭଲ ବାୟୋଇଲେକ୍‌ଟ୍ରିକ୍ ହାତ। ଏହି ପ୍ରୋସ୍ଥେଟିକ୍ ଆର୍ମ ବ୍ୟକ୍ତିଙ୍କ ମାଂସପେଶୀରୁ ମିଳୁଥିବା ସଂକେତକୁ ଗ୍ରହଣ କରିଥାଏ। ଏହାର ଆଧାରରେ ଏହି ହାତ ତୁରନ୍ତ କାମ କରିବା ଆରମ୍ଭ କରିଥାଏ ଏବଂ ଯେକୌଣସି କାମକୁ ସଠିକ୍ ପରିଣାମ ଦେଇଥାଏ। ଏହି କୃତ୍ରିମ ହାତ ଏତେ ପ୍ରଭାବିତ ଯେ, ଏହା ସାହାଯ୍ୟରେ ଭଲ ହ୍ୟାଣ୍ଡ ରାଇଟିଂରେ ମଧ୍ୟ ଆପଣ ଲେଖିପାରିବେ। 'ବେବୋନିକ୍-୩'ରେ ୧୪ ପ୍ରକାରର ହ୍ୟାଣ୍ଡ ପୋଜିସନ୍ ଏବଂ ଗ୍ରିପ୍ ରହିଛି। ଏହି ହାତକୁ ପିନ୍ଧିଥିବା ବ୍ୟକ୍ତି ସେହି ସବୁ କାମ କରିପାରିବେ, ଯାହା ଜଣେ ସାଧାରଣ ବ୍ୟକ୍ତି କରିପାରେ। ଏହି କୃତ୍ରିମ ହାତଟିକୁ କାର୍ବନ୍ ଫାଇବର୍‌ରେ ତିଆରି କରାଯାଇଛି। ଏହି କୃତ୍ରିମ ହାତ ସହିତ ଗୋଟିଏ ତ୍ୱଚା ରଙ୍ଗର ଗ୍ଲୋବ୍‌ସ ମଧ୍ୟ ଦିଆଯାଇଥାଏ, ଯାହାକୁ ପିନ୍ଧିବା ଦ୍ୱାରା ଏହା ପୁରାପୁରି ଅସଲି ହାତ ଭଳି ଲାଗିବ। ହଲିଉଡ୍ ଫିଲ୍ମ ଟର୍ମିନେଟ୍‌ରେ ଆର୍ଣ୍ଣଲ୍ଡ ମଧ୍ୟ କୃତ୍ରିମ ହାତର ପ୍ରୟୋଗ କରିଥିଲେ, ତେଣୁ ନିଜେଲ୍ ମଧ୍ୟ ଏବେ ସେହି ଫିଲ୍ମରୁ ପ୍ରଭାବିତ ହୋଇ ନିଜକୁ ଟର୍ମିନେଟ୍‌ର ବ୍ୟକ୍ତି ବୋଲି କହୁଥିବା ଜଣାପଡିଛି।

## ଚର୍ଚ୍ଚାରେ 'ହରାମ୍‌ଖୋର'



ନୱାଜଉଦ୍ଦିନ ସିଦ୍ଦିକି ଓ ଶ୍ୱେତା ତ୍ରିପାଠୀଙ୍କ ଅଭିନୀତ ଫିଲ୍ମ 'ହରାମ୍‌ଖୋର'ର ଟ୍ରେଲର ରିଲିଜ କରାଯାଇଛି। ପୂର୍ବରୁ ଫିଲ୍ମକୁ ନେଇ କିଛି ସମସ୍ୟା ଦେଖାଦେଇଥିଲା। ମାତ୍ର ଫିଲ୍ମଟି ସମାଜକୁ ଏକ ସୁନ୍ଦର ବାର୍ତ୍ତା ପ୍ରଦାନ କରୁଥିବାରୁ ଏହାର ବ୍ୟାନକୁ ହଟାଇଦିଆଯାଇଛି। ଗୁଜୁରାଟର ଏକ ଛୋଟ ଗାଁରେ ସୁଟିଂ କରାଯାଇଛି ସମ୍ପୂର୍ଣ୍ଣ ଫିଲ୍ମ। ଶ୍ଲୋକ ଶର୍ମାଙ୍କ ନିର୍ଦ୍ଦେଶନାରେ ମାତ୍ର ୧୬ଦିନରେ ଶେଷ ହୋଇଛି ପୂରା ଫିଲ୍ମର ସୁଟିଂ। ଫିଲ୍ମର କାହାଣୀରେ ଜଣେ ୧୪ବର୍ଷର ଝିଅର ନିଜ ପ୍ରଫେସରଙ୍କ ସହ ପ୍ରେମକାହାଣୀକୁ ଦର୍ଶାଯାଇଛି। ନିଛକ ଗାଁର ଛବି ଓ ଏହାର ସଙ୍ଗୀତ ଟ୍ରେଲରଟିକୁ ଅଧିକ ଆକର୍ଷଣୀୟ କରିଛି।

## ପୁରାଣ କାହାଣୀ

# ମୂଷାଙ୍କ ମନ୍ଦିର



ଭାରତର ରାଜସ୍ଥାନରେ ବିଭିନ୍ନ ପ୍ରକାର ଲୋକ ଦେଖିବାକୁ ମିଳୁଥିବା ବେଳେ ସେମାନଙ୍କର ପରମ୍ପରା ମଧ୍ୟ ଅଲଗା ପ୍ରକାରର ହୋଇଥାଏ । ଥାର ମରୁଭୂମି ନିକଟରେ ଦେଶନୋକେ ନାମକ ଏକ ଛୋଟ ସହର ରହିଛି । ଯେଉଁଠାରେ କରଣୀ ମାତା ମନ୍ଦିର ରହିଛି । ଏହି ମନ୍ଦିର ସେଠାରେ ଥିବା ଅନ୍ୟ ହିନ୍ଦୁ ମନ୍ଦିର ମଧ୍ୟରୁ ଗୋଟିଏ । କରଣୀ ମନ୍ଦିରକୁ ନେଇ ଲୋକମାନଙ୍କ ମନରେ ଅନେକ ଆଧ୍ୟାତ୍ମିକ ଭାବନା ରହିଛି । ମନ୍ଦିରରେ କରଣୀ ମାତାଙ୍କୁ ପୂଜା କରିବା ସହିତ ସେଠାରେ ମୂଷାମାନଙ୍କୁ ମଧ୍ୟ ପୂଜା କରାଯାଏ । ଆଶ୍ଚର୍ଯ୍ୟର କଥା ସେଠାରେ ଗୋଟିଏ ଦୁଇଟି ମୂଷା ନୁହେଁ ବରଂ ପାଖାପାଖି ୨୦ହଜାର ମୂଷା ରହନ୍ତି ସେହି ମନ୍ଦିରରେ । ସେଠାକାର ମୂଷାମାନେ କବାସ୍ ନାମରେ ପରିଚିତ। ଲୋକକଥା ଓ ପରମ୍ପରା ଅନୁସାରେ, ମୂଷାମାନଙ୍କୁ ନେଇ ଦୁଇଟି କାହାଣୀ ରହିଛି । କୁହାଯାଏ ସେଠାରେ ଜନ୍ମ ହୋଇଥିବା ସବୁ ଶିଶୁ ମୂଷା ହୋଇ ଜନ୍ମ ନେଲେ। ଦ୍ୱିତୀୟତଃ ୨୦ହଜାର ମୂଷାଙ୍କୁ ସୈନିକ ସଦୃଶ ନିୟୋଜିତ କରାଯାଇଥିଲା।

## ମା' କ୍ଷୀର ପରି ଉପକାରୀ ନଡ଼ିଆ ରସ



ଶିଶୁଟି ପାଇଁ ମା'ର କ୍ଷୀର ସ୍ୱାସ୍ଥ୍ୟକର ଏବଂ ଲାଭଦାୟକ ମଧ୍ୟ । କିନ୍ତୁ ନିକଟରେ କରାଯାଇଥିବା ଏକ ରିସର୍ଚ୍ଚରୁ ଜଣାଯାଇଛି ଯେ, ମା'ର କ୍ଷୀର ଭଳି ନଡ଼ିଆ କ୍ଷୀରରେ ମଧ୍ୟ ଅନୁରୂପ ତତ୍ତ୍ୱ ରହିଛି ଯାହା ଛୋଟ ଶିଶୁମାନଙ୍କ ପାଇଁ ଉପାଦେୟ । ଏପରି ମତ ପ୍ରକାଶ କରିଛି ନଡ଼ିଆ ବିକାଶ ବୋର୍ଡ । ନଡ଼ିଆ ରସକୁ ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରାଯାଇପାରିବ । ନଡ଼ିଆ ବିକାଶ ବୋର୍ଡର ଅଧ୍ୟକ୍ଷ ଟି.କେ. ଯୋଶ କହିଛନ୍ତି ପଶୁମାନଙ୍କର ଦୁଧରେ ଲାକ୍ଟୋଜ(ଏକ ପ୍ରକାରର ଶର୍କରା) ରହିଛି । କିନ୍ତୁ ନଡ଼ିଆ କ୍ଷୀରରେ ଲାକ୍ଟୋଜ ନଥାଏ । ମାଲେସିୟା, ଥାଇଲ୍ୟାଣ୍ଡ, ଶ୍ରୀଲଙ୍କା ଏବଂ ଭିଏତ୍‌ନାମା ଭଳି ଦେଶରେ ଶିଶୁମାନଙ୍କୁ ମା'ର ଦୁଧ ନ ମିଳିପାରିବା ସ୍ଥିତିରେ ଗାଈ ଦୁଧର ବ୍ୟବହାର ଅଧିକ ହୋଇଥାଏ । ନଡ଼ିଆ କ୍ଷୀରକୁ ପ୍ରାକୃତିକ ସ୍ୱାସ୍ଥ୍ୟ ରୂପରେ ମାନ୍ୟତା ମିଳିଛି । ରନ୍ଧା ହୋଇଥିବା ନଡ଼ିଆ କୋରାରୁ ନଡ଼ିଆ କ୍ଷୀର ବାହାର କରାଯାଇଥାଏ । କେତେକ ଦେଶରେ ନଡ଼ିଆ କ୍ଷୀରକୁ ନଡ଼ିଆ ରସ ବୋଲି ମଧ୍ୟ କୁହାଯାଇଥାଏ । ନଡ଼ିଆ ବିକାଶ ବୋର୍ଡର ଅଧିକାରୀ ଏନି ଇୟାପେନ ଏବଂ ଅନିତା ଜାୟ କହିଛନ୍ତି ନଡ଼ିଆ ରସରେ କୋଲେଷ୍ଟ୍ରଲ ନାହିଁ । କିନ୍ତୁ କାର୍ବୋହାଇଡ୍ରେଟ୍ସ ୧୫ରୁ ୧୬ପ୍ରତିଶତଃ ପର୍ଯ୍ୟନ୍ତ ରହିଛି ।

## କୁକୁରଙ୍କୁ ଅପମାନିତ କଲେ ଜେଲ



ଥାଇଲ୍ୟାଣ୍ଡରେ ରାଜକୀୟ ନିନ୍ଦାକୁ ନେଇଁ ସେଠାରେ ଭିନ୍ନ ଭିନ୍ନ କଠୋର ଦଣ୍ଡର ବ୍ୟବସ୍ଥା ରହିଥିବାର ଦେଖିବାକୁ ମିଳିଥାଏ । ବର୍ତ୍ତମାନ ଏକ ରାଜବଂଶର ଅପମାନକୁ ନେଇଁ ଜଣେ ବ୍ୟକ୍ତିଙ୍କୁ ଜେଲ୍ ହୋଇଗଲା କାରଣ ସେ ରାଜାଙ୍କ କୁକୁରକୁ ଅପମାନି ତ କରିଥିଲେ । ଓକିଲ ପାବିନି ଚମଶ୍ରୀଙ୍କ ମତରେ ୨୭ବର୍ଷୀୟ ଥନାକୋର୍ଣ୍ଣ ସିରିପାଇବୁନ୍ ନାମକ ଜଣେ ବ୍ୟକ୍ତି ସୋସିଆଲ୍ ସାଇଟ୍ ଫେସ୍‌ବୁକ୍‌ରେ ରାଜା ଏବଂ ତାଙ୍କର କୁକୁରକୁ ନେଇଁ ଏକ ବ୍ୟଙ୍ଗାତ୍ମକ ଟିପ୍ପଣୀ ଦେଇଥିଲେ । ଫେସ୍‌ବୁକ୍‌ରେ ଛଅ ଡିସେମ୍ବରକୁ ପୋଷ୍ଟ କରାଯାଇଥିଲା ସର୍ବମୋଟ ତିନୋଟି ଫଟୋ । ଏହି ଅପଲୋଡ୍ କରାଯାଇଥିବା ଫଟୋ ମଧ୍ୟରେ ରାଜାଙ୍କର କୁକୁର ଉପରେ ବ୍ୟଙ୍ଗ କରାଯାଇଥିଲା । ଏହାପରେ ପୋଲିସ ବ୍ୟଙ୍ଗ ଟିପ୍ପଣି ଦେଇଥିବା ଉକ୍ତ ବ୍ୟକ୍ତି ଜଣଙ୍କୁ ଗିରଫ କରେଇନେଇଥିଲା । ଫେସ୍‌ବୁକ୍‌ରେ ରାଜାଙ୍କର ପରିହାସ କରିଥିବା ଫଟୋକୁ ଲାଇକ୍ କରିବା ଏବଂ ତାକୁ ସେୟାର କରିବା ଓ ଭ୍ରଷ୍ଟାଚାର ବଢେଇବା ମାମଲାରେ ଏକ ଇନ୍‌ଫୋଗ୍ରାଫ ସେୟାର କରିବା ମାମଲାରେ ରାଜଦ୍ରୋହି, ରାଜ ନିନ୍ଦା ଏବଂ କମ୍ପ୍ୟୁଟର ଅପରାଧର ମାମଲା ବି ଦାଖଲ କରାଯାଇଛି । ଏହି ମାମଲାରେ ୩୭ବର୍ଷ ପର୍ଯ୍ୟନ୍ତ ଜେଲ ହୋଇପାରେ । ଥାଇଲ୍ୟାଣ୍ଡ ସେହି ଦେଶମାନଙ୍କ ମଧ୍ୟରେ ଗଣାଯାଏ ଯେଉଁଠାରେ ରାଜ ନିନ୍ଦାକୁ ନେଇ ଆଇନ ଲାଗୁ ହୋଇଥାଏ । ରାଜା, ରାଣୀ କିମ୍ବା ତାଙ୍କର କୌଣସି ରାଜକୀୟ ମାମଲାକୁ ନେଇଁ ପ୍ରତ୍ୟେକ ମମଲାର ଦୋଷୀମାନଙ୍କୁ ୧୫ବର୍ଷର ଜେଲ୍ ଦଣ୍ଡ ଦେଶ ହେବାର ନିୟମ ରହିଥାଏ ।

## ଦୃଷ୍ଟିହୀନଙ୍କର ଆଶା ବାଡ଼ି




ଦେଖିବାରେ ଅସମର୍ଥ ଲୋକମାନଙ୍କ ପାଇଁ ଏକ ଭଲ ଖବର । ଏବେ ତୁରନ୍ତ ତାଙ୍କ ସମସ୍ୟାର ସମାଧାନ ହୋଇଯିବ । ବ୍ରିଟିଶ ବୈଜ୍ଞାନିକମାନେ ଏପରି ଏକ ଚଷମା ପ୍ରସ୍ତୁତ କରିଛନ୍ତି, ଯାହାକୁ ପରିଧାନ କରିବା ପରେ ଠିକ୍ ଭାବରେ ଦେଖାଯାଉନଥିବା ଜିନିଷ ଦେଖାଯାଇଥାଏ। ଏହି ଖାସ ଚଷମାଜକୁ ବିକସିତ କରୁଥିବା ବୈଜ୍ଞାନିକମାନେ କୁହନ୍ତି, ଏଥିରେ ଏକ ସୁକ୍ଷ୍ମ କ୍ୟାମେରା ଲାଗାଯାଇଛି, ଯାହା ସମସ୍ତ ଜିନିଷକୁ ଚିହ୍ନିପାରେ । ଯେପରି ଫ୍ରିଜ ଭିତରେ ରହିଥିବା ଜିନିଷ, ଦୋକାନରେ ରହିଥିବା ଦ୍ରବ୍ୟ ଇତ୍ୟାଦି। ଏହି କ୍ୟାମେରା ଥରେ ଗୋଟିଏ ଜିନିଷକୁ ଦେଖିବା ପରେ ତାକୁ ସେ ଧ୍ୱନୀ ସଂକେତରେ ବଦଳି ଦେଇଥାଏ । ଯାହାଦ୍ୱାରା ଚଷମା ପିନ୍ଧୁଥିବା ବ୍ୟକ୍ତି ମୋବାଇଲ୍ ଆପ୍ଲିକେଶନ ଏବଂ ଇୟରପିସ୍‌ର ସାହାଯ୍ୟରେ ଶୁଣିପାରେ । ଏହି ଚଷମା ଏତେ କାର୍ଯ୍ୟକାରୀ ଯେ, ଏହାକୁ ବ୍ୟବହାର କରୁଥିବା ବ୍ୟକ୍ତିମାନେ ସାମାନ୍ୟ ବହି ପଢିପାରିବେ । ଯଦି ଅକ୍ଷରଗୁଡ଼ିକ ଅତି ଛୋଟ ରହିଥାଏ ତେବେ ଏହି କ୍ୟାମେରାକୁ ଜୁମ୍ ଇନ୍ ବି କରାଯାଇପାରିବ । ବୈଜ୍ଞାନିକଙ୍କ କହିବାନୁସାରେ ଚଷମାରେ ଚେହେରାକୁ ଚିହ୍ନିବା ପାଇଁ ସଫ୍ଟୱେର ଲଗାଯାଇଛି । ଚଷମା ସମ୍ମୁଖକୁ ଆସୁଥିବା ସବୁ ଜିନିଷ କିମ୍ବା ବ୍ୟକ୍ତି ବିଶେଷ କିଏ ଓ ପୂର୍ବରୁ ତାଙ୍କ ସହିତ କେବେ ଦେଖା ହୋଇଥିଲା ଆଦି ସୂଚନା ଦେଇଥାଏ ଏହି ଚଷମା। ଦୃଷ୍ଟିଶକ୍ତି ଦୁର୍ବଳ ଥିବା ଲୋକମାନଙ୍କ ପାଇଁ ଏହା ବରଦାନ ସଦୃଶ। ବୈଜ୍ଞାନିକମାନଙ୍କର ଅନୁମାନ ରହିଛି କି ପାଖାପାଖି ଏକ ବର୍ଷ ପରେ ଏହି ଚଷମା ବଜାରରେ ଉପଲବ୍ଧ ହେବ ।

## ଥରକେ ୧୦୦



ଚୀନ ଏବଂ ଜାପାନରେ ନିୟମିତ ରୂପେ କିଛି ନା କିଛି ଭିନ୍ନ କାରନାମା ଦେଖିବାକୁ ମିଳିଥାଏ । କିଛି ଦିନ ପୂର୍ବରୁ ଜାପାନର ଜଣେ ଯୁବତୀ ଏକ ନୂତନ କାରନାମା କରି ଚର୍ଚ୍ଚାର ପରିସରକୁ ଆସିଥିଲେ । ତାଙ୍କର ନାମ ଦିଆଯାଇଥିଲା 'ଚିଲି କିଙ୍ଗ'। କାହିଁକି ନା ଚିଲି କିଙ୍ଗ ଜଳଖିଆରେ ଖାଇଥାନ୍ତି ଅଢ଼େଇ କିଲୋ ଲଙ୍କା । ଏବେ ଆଉ ଜଣେ ଜାପାନୀ ଝିଅ ୟୁକୋ କିନୋସିତା ଥରକେ ୧୦୦ଟି ବ୍ରେଡ୍ ଖାଇ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ନିଜର ଏପରି ଖାଦ୍ୟକୁ ନେଇ ସେ ଏକ ଭିଡ଼ିଓ ପ୍ରସ୍ତୁତ କରିଥିଲେ ଯାହାକୁ ସେ ୟୁ ଟ୍ୟୁବ୍‌ରେ ଅପଲୋଡ଼ କରିଥିଲେ । ବ୍ରେଡ୍ ଚ୍ୟାଲେଞ୍ଜର ନାମକ ଏହି ଭିଡିଓଟି ହେଉଛି ୬ମିନିଟ୍‌ର ଯାହା ଆଜି ପର୍ଯ୍ୟନ୍ତ ୨୦୦,୦୦୦ଥର ଦେଖାସରିଲାଣି । ଏହି ଭିଡିଓରେ ବ୍ରେଡର ୧୦ପ୍ୟାକେଟ୍ ରଖାଯାଇଥିଲା । ପ୍ରତି ପ୍ୟାକେଟ୍‌ରେ ୧୦ଟି ଲେଖାଏ ସ୍ଲାଇସ୍ ରହିଥାଏ। ଯାହାକୁ ୟୁକା ଥରକେ ଖାଇଦେଇଥାନ୍ତି । ଏହା ପୂର୍ବରୁ ୟୁକା ମେକୋନଲ୍ଡ ନାମକ ଜଣେ ଚ୍ୟାଲେଞ୍ଜର ୧୦୦ଚିକେନ୍‌କୁ ସେ ଏକାସାଥିରେ ଖାଇଯାଇଥାନ୍ତି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ମାର୍ଚ୍ଚ ୪

# ଧନୀ ଓ ଗରିବଙ୍କ ପାଇଁ ଅଲଗା ବିଶ୍ୱବିଦ୍ୟାଳୟ


ଗୋପାଳ ମହାପାତ୍ର

ଏବେ ଭାରତର ବିଶ୍ୱବିଦ୍ୟାଳୟମାନଙ୍କୁ ୟୁରୋପର ବିଖ୍ୟାତ ବିଶ୍ୱବିଦ୍ୟାଳୟ ମାନଙ୍କ ସହ ପ୍ରତିଯୋଗିତା କରିବାକୁ ପଡ଼ିବ । କିନ୍ତୁ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ ଆମ ଦେଶର ବିଶ୍ୱବିଦ୍ୟାଳୟମାନେ କ'ଣ ପ୍ରତିଯୋଗିତା କରିପାରିବେ ? ଯେତେବେଳେ କେମ୍ବ୍ରିଜ୍, ହାର୍ଭାର୍ଡ ଏବଂ ୟେଲ ଭଳି ନାମୀ ବିଶ୍ୱବିଦ୍ୟାଳୟ ଦିଲ୍ଲୀ, ମୁମ୍ବାଇ, କୋଲକାତା ଓ ଚେନ୍ନାଇରେ ସେମାନଙ୍କର କ୍ୟାମ୍ପସ୍ ଖୋଲିବେ ସେତେବେଳେ ସେମାନଙ୍କର ଚମକ ଏବଂ ଏକାଡେମିକ୍ ସ୍ତରର ମୁକାବିଲା ଭାରତୀୟ ବିଶ୍ୱବିଦ୍ୟାଳୟ କରିପାରିବେ ? ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ କ୍ୟାମ୍ପସ୍ ଖୋଲିଲେ ଯେଉଁ ଛାତ୍ରଛାତ୍ରୀ ବା ପିଲାମାନଙ୍କର ବାପା ମା ନିଜ ପିଲାକୁ ବିଦେଶରେ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରି ପଢ଼ାଇବା ପାଇଁ ଇଚ୍ଛୁକ ସେଇ ପିଲାମାନେ ହିଁ ସେଠାରେ ପଢିପାରିବେ । ଏମିତି ପରିବାର ଯେଉଁମାନେ ପିଲାଙ୍କ ପାଠପଢା ପାଇଁ ଲକ୍ଷ ଲକ୍ଷ ଖର୍ଚ୍ଚ କରିବାକୁ ପ୍ରସ୍ତୁତ ସେଭଳି ପରିବାରର ମଧ୍ୟ ଦେଶରେ ଅଭାବ ନାହିଁ । ଏଣୁ ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଏଭଳି ପରିବାରର ପିଲାଙ୍କ ସଂଖ୍ୟା କମିବ ଓ କେବଳ ମଧ୍ୟବର୍ଗ ଓ ନିମ୍ନ-ମଧ୍ୟବର୍ଗ ପରିବାରର ପିଲାମାନେ ହିଁ ପଢ଼ିବେ । ଏହା ଭାରତରେ ହେବାକୁ ଥିବା ସବୁଠାରୁ ଦୁର୍ଭାଗ୍ୟଜନକ ବର୍ଗ ବିଭାଜନ ସୃଷ୍ଟି କରିବ । ଗରୀବ ଏବଂ ଧନୀ ଭିତରେ ଥିବା ଅସାମସ୍ୟ / ଦୂରତା ପୂର୍ବରୁ ଏଭଳି ବିକଟ ରୂପ ନେଇ ନଥିଲା । ଘରୋଇ ବିଶ୍ୱବିଦ୍ୟାଳୟ ମାନଙ୍କରେ ଏଭଳି ପରିସ୍ଥିତି ପୂର୍ବରୁ ଥିଲା କିନ୍ତୁ ବିଦେଶୀ ବିଶ୍ୱବିଦ୍ୟାଳୟ ଆସିବା ପରେ ସ୍ଥିତି ପୁରା ମାତ୍ରାରେ ଚରମରେ ପହଞ୍ଚିବ । ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଭାରତରେ ସେମାନଙ୍କର କ୍ୟାମ୍ପସ ବା ପରିସର ଖୋଲିବା ପାଇଁ ଅନୁମତି ଦିଆଯିବା ଦ୍ୱାରା ଏକଥା ସ୍ପଷ୍ଟ ହୋଇଯାଉଛି ଯେ ଭାରତରେ ଶିକ୍ଷା ବେଳେ ବ୍ୟବସ୍ଥା କେତେ ଉନ୍ନତ ଓ ସୁଦୃଢ଼ । ଏବେ ଦେଶରେ ଥିବା ହଜାରେ ରୁ ଅଧିକ ବିଶ୍ୱବିଦ୍ୟାଳୟ ଓ ପାଖାପାଖି ୪୨ ହଜାର କଲେଜରୁ ପାଠପଢ଼ି ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀ ମାନଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ଏଭଳି ଡିଗ୍ରୀଧାରୀ ମାନଙ୍କ ମଧ୍ୟରୁ ଅନେକଙ୍କୁ ସାଧାରଣ ଚାକିରିଟିଏ ମଧ୍ୟ ମିଳି ପାରୁନାହିଁ । ଅନେକେ ମଧ୍ୟ ସାଧାରଣ ନିଯୁକ୍ତି ପାଇଁ ଯୋଗ୍ୟ ବିବେଚିତ ହେଉନାହାଁନ୍ତି । ଅର୍ଥ ହେଉଛି ଏମାନଙ୍କର ରୋଜଗାର ଯୋଗ୍ୟତା ଶୂନ୍ । ଅପରପକ୍ଷରେ ଘରୋଇ କ୍ଷେତ୍ରରେ ଥିବା ବିଶ୍ୱବିଦ୍ୟାଳୟ ମାନଙ୍କରେ ଓ କଲେଜ ମାନଙ୍କରେ ଶିକ୍ଷା ମହଙ୍ଗା । ଦେଶର ୧୦ ରୁ ୧୫ ପ୍ରତିଶତ ଲୋକଙ୍କ ପିଲା ଏହି ଘରୋଇ କ୍ଷେତ୍ରର ଶିକ୍ଷାନୁଷ୍ଠାନରେ ପଢ଼ିବା ପାଇଁ ସକ୍ଷମ । ଏଭଳି ସ୍ଥିତି ବେଳେ ବିଦେଶୀ ବିଶ୍ୱବିଦ୍ୟାଳୟ ମାନଙ୍କର ଅତି ମହଙ୍ଗା ଶିକ୍ଷା ଏବେ ଯୋଡ଼ି ହୋଇଯିବ । କେମ୍ବ୍ରିଜ, ହାର୍ଭାର୍ଡ, ଅକ୍ସଫୋର୍ଡ ଏବଂ ୟେଲ୍ ଭଳି ବିଶ୍ୱବିଦ୍ୟାଳୟରେ ପଢ଼ିବା ପାଇଁ ବର୍ଷକୁ ଦୁଇ ତିନି ଲକ୍ଷ ଟଙ୍କା ଦେବାକୁ ପଡ଼ିବ ନିଶ୍ଚୟ । ଦେଶର ଶିକ୍ଷା ବ୍ୟବସ୍ଥାର ଏଭଳି ସ୍ଥିତି ବେଳେ ଆମ ଶିକ୍ଷା ବ୍ୟବସ୍ଥା ବିଶ୍ୱଗୁରୁ ହେବାର ଦାୟିତ୍ୱ ନେବ ବୋଲି କୁହାଯାଉଛି । ଏକଥା ସତ୍ୟ ବିଶ୍ୱବଜାରରେ ନାମି ଦାମୀ (ଅଧିକ ବେତନରେ) ନିଯୁକ୍ତି ପାଇବା ଭଳି ବ୍ୟକ୍ତି ବିଦେଶୀ ବିଶ୍ୱବିଦ୍ୟାଳୟରୁ ହିଁ ବାହାରିବେ । ଆମ ଦେଶୀୟ ବିଶ୍ୱବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହେଉଥିବା ଡିଗ୍ରୀଧାରୀଙ୍କ ଶ୍ରମ ଶସ୍ତା ହୋଇଯିବ । ବିଦେଶୀ ବିଶ୍ୱବିଦ୍ୟାଳୟମାନଙ୍କୁ ଦେଶରେ କ୍ୟାମ୍ପସ୍ ଖୋଲିବା ପାଇଁ ଅନୁମତି ଦିଆଯିବା ଉପରେ ସରକାର ଯୁକ୍ତି ଦର୍ଶାଇଛନ୍ତି ଯେ ୨୦୨୪ ସୁଦ୍ଧା ୧୮ ଲକ୍ଷ ଛାତ୍ର ବିଦେଶରେ ପଢିବାକୁ ଯିବାରକୁ ଥିବାରୁ ସେମାନେ ଶିକ୍ଷାଲାଭ ପାଇଁ ଆଠ ଆରବ ଡଲାର ଖର୍ଚ୍ଚ କରିବେ । କିନ୍ତୁ ତାର ୩ ଚତୁର୍ଥାଂଶ ଖର୍ଚ୍ଚରେ ସେମାନେ ଭାରତରେ ହେବାକୁ ଥିବା ବିଦେଶୀ ବିଶ୍ୱବିଦ୍ୟାଳୟରେ ପଢିପାରିବେ । ଏହାଦ୍ୱାରା ପ୍ରତିଭା ପଳାୟନକୁ ମଧ୍ୟ ରୋକାଯାଇପାରିବ । ସରକାରଙ୍କ ଯୁକ୍ତି ମଧ୍ୟ ହାସ୍ୟାସ୍ପଦ । ଅନ୍ୟ ଏକ ଯୁକ୍ତି ହେଉଛି ବିଦେଶୀ ବିଶ୍ୱବିଦ୍ୟାଳୟ ଖୋଲିଲେ ଦେଶର ବିଶ୍ୱବିଦ୍ୟାଳୟମାନେ ପ୍ରତିଯୋଗିତା ପାଇଁ ସେମାନଙ୍କ ସ୍ଥିତିକୁ ସୁଧାରିବେ । କିନ୍ତୁ ସରକାରଙ୍କ ଯୁକ୍ତି ଅନୁସାରେ ଦେଶୀୟ ବିଶ୍ୱବିଦ୍ୟାଳୟ ଓ କଲେଜ ବାବଦରେ ଅଭିଯୋଗ ଉଠୁଛି ଯେ ସେମାନଙ୍କର ଏକାଡେମିକ ଢାଞ୍ଚା ଉତ୍ସାହୀନ ଅଧ୍ୟାପନ ଏବଂ ପିଲାମାନଙ୍କୁ ଯତ୍ରେକତ୍ରେ ଉତ୍ତୀର୍ଣ୍ଣ କରାଇଦେବା ଭିତରେ ସୀମିତ ହୋଇ ରହିଯାଉଛି । ଅର୍ଥାଭାବରୁ ଅନେକ ପ୍ରତିଭାଙ୍କର ବିକାଶ ହୋଇପାରୁନଥିବା ବେଳେ ପିଏଚ୍‌ଡି ମଧ୍ୟ ବିକ୍ରୀ ହେଉଛି । ପ୍ରଶ୍ନ ଉଠୁଛି ଯେ ଆମ ଦେଶରେ ଯେତେବେଳେ ବିଶ୍ୱ ବିଦ୍ୟାଳୟ ସବୁ ସ୍ଥାପନ ହେଲା ସେତେବେଳେ ଉଦ୍ଦେଶ୍ୟ କ'ଣ ଥିଲା । ଏଥିରୁ କିଛି ବିଶ୍ୱବିଦ୍ୟାଳୟକୁ ଭାରତର କେମ୍ବ୍ରିଜ୍ ଓ ଅକ୍ସଫୋର୍ଡ ଆଖ୍ୟା ଦିଆଯାଉଥିଲା । ତକ୍ଷଶିଳା, ନାଳନ୍ଦା ଅଥବା ବିକ୍ରମଶୀଳା ଭଳି ପ୍ରାଚୀନକାଳୀନ ବିଶ୍ୱବିଦ୍ୟାଳୟର ପରମ୍ପରା ଠାରୁ ଏବେର ବିଶ୍ୱବିଦ୍ୟାଳୟମାନେ ଅନେକଦୂରରେ । ବିଡ଼ମ୍ବନାର ବିଷୟ ହେଉଛି ଯେଉଁ ଦେଶୀୟ ବିଶ୍ୱବିଦ୍ୟାଳୟ ମାନଙ୍କୁ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ବୋଲି କୁହାଯାଉଥିଲା ସେ ସବୁ ବିଶ୍ୱବିଦ୍ୟାଳୟ ପାଖରେ ୟୁରୋପୀୟ ବିଶ୍ୱବିଦ୍ୟାଳୟମାନେ ତାଙ୍କର କ୍ୟାମ୍ପସ ଖୋଲିବେ । ଡଲାର, ପାଉଣ୍ଡ, ୟୁରୋ ରେ ସେମାନେ ଲାଭ କମେଇବେ ଓ ଫେମା ଆଇନର ସର୍ତ୍ତ ଅନୁସାରେ ନିଜ ଦେଶକୁ ପ୍ରଚୁର ଅର୍ଥ ବୋହିନେବେ । ଆମ ଦେଶର ବିଶ୍ୱବିଦ୍ୟାଳୟ ମାନେ ସେମାନଙ୍କ ପ୍ରଭାବରେ ପ୍ରଭାବହୀନ ହୋଇ ନିମ୍ନ ସ୍ତରରେ ରହିବେ ।

ରାମଚନ୍ଦ୍ରପୁର, ରଣପୁର
ମୋ-୯୪୩୮୪୮୫୦୯୪

# ବିପଜ୍ଜନକ ବିକିରଣ


ଡାକ୍ତର ସମ୍ରାଟ କର

ଜୀବଜଗତ ପାଇଁ ମାରାତ୍ମକ ବନିଯାଇଛି ମୋବାଇଲ୍ ଟାୱାର । ଏଥିରୁ ବାହାରୁଥିବା ଚୁମ୍ବକୀୟ ବିକିରଣ ପଶୁ ସମ୍ପଦକୁ ଅଧିକ ହାନୀ ପହଞ୍ଚାଉଛି । ମଣିଷ ସମାଜ ବି ଏଥିରେ ବେଶ୍ ପ୍ରଭାବିତ । ଟାୱାରର ଚୁମ୍ବକୀୟ ବିକିରଣ ସଂସ୍ପର୍ଶରେ ଆସି ଲୋକେ କ୍ୟାନସର, ହୃଦରୋଗ, ମସ୍ତିଷ୍କ ଓ ଶ୍ୱାସ ଭଳି ଭୟଙ୍କର ରୋଗରେ ପିଡ଼ୀତ ହେଉଛନ୍ତି । ଟାୱାର ବସାଯିବା କ୍ଷେତ୍ରରେ ଲାଗୁ ନିୟମ ଅର୍ଥାତ୍ ଉଚ୍ଚତା, ସ୍ଥାନ ଏବଂ ଜନବସତି ଠାରୁ ଦୂର ଆଦିକୁ ଅମାନ୍ୟ କରାଯାଏ, ଭବିଷ୍ୟତରେ ଏହି ବିପଦ ଆଶାଠାରୁ ଅଧିକ ବଢ଼ିଯିବ । ମୋବାଇଲ ଟାୱାର ଏବଂ ଅଧିକ ମେଗା ପିକ୍ସେଲର ମୋବାଇଲ ଫୋନ ଆମ ଶରୀର ପାଇଁ କ୍ଷତିକାରକ । ଏହାଦ୍ୱାରା ଉଭୟ ଶରୀର ଏବଂ ମସ୍ତିଷ୍କ ଉପରେ ପ୍ରଭାବ ପଡ଼ିଥାଏ । ଏହାର କୁପ୍ରଭାବ ଦ୍ୱାରା ମଣିଷ ଅଧିକ ବିରକ୍ତି ଭାବ ପ୍ରକାଶ କରିଥାଏ, ଏକାଗ୍ରତା ଆସିପାରି ନଥାଏ । ୨୦୦୫ ୱାର୍ଲ୍ଡ ହେଲଥ ଅର୍ଗାନାଇଜେସନର ଗାଇଡ଼ଲାଇନ ଅନୁଯାୟୀ ସ୍କୁଲ, କଲେଜ, ହସ୍ପିଟାଲ ଏବଂ ମାର୍କେଟ ଅଞ୍ଚଳର ୫୦ ମିଟର ମଧ୍ୟରେ ମୋବାଇଲ ଟାୱାର ରହିବା ଅନୁଚିତ । ୧୫ ମିଟର ମଧ୍ୟରେ ସୃଷ୍ଟି ହେଉଥିବା ରେଡ଼ିଏସନ୍ ମଧ୍ୟ ଅନେକ କ୍ଷତିକାରକ । ଏହାକୁ ସେଲ ପାୱାର ନର୍ମ କୁହାଯାଇଥାଏ । ସେହିପରି ଅଧିକ ଶକ୍ତିଶାଳୀ ମୋବାଇଲ ଫୋନ୍ ଦ୍ୱାରା ମଣିଷର ଶରୀର ମଧ୍ୟ ଅଧିକ କ୍ଷତି ହୋଇଥାଏ । ୩୦୦ରୁ ଅଧିକ ଫ୍ରିକ୍ୱେନ୍ସି ଭାଇବ୍ରେସନ୍ ହେଲେ ଶରୀରରେ କ୍ଷତି ଘଟିଥାଏ । ଅନେକ ବ୍ୟକ୍ତି ରାତିରେ ଶୋଇବା ସମୟରେ ନିଜ ତକିଆ ତଳେ ଗୋଟିଏରୁ ତିନୋଟି ଲେଖାଏଁ ମୋବାଇଲ ରଖି ଶୋଇଥାନ୍ତି । ଏହାର ପରିଣାମ ବେଶ ଭୟଙ୍କର । ଇଣ୍ଡିଆନ କାଉନ୍‌ସିଲ ଅଫ୍ ମେଡ଼ିକାଲ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ମୋବାଇଲ ଟାୱାର ଏବଂ ମୋବାଇଲରୁ ବହୁମାତ୍ରାରେ ରେଡ଼ିଏସନ୍‌ର ବାହାରୁଛି । ଯାହାର ପ୍ରଭାବ ମଣିଷ ସମାଜ ଉପରେ ପଡୁଥିବା ମଧ୍ୟ ଦେଖାଦେଇଛି । ତେବେ ଫଳାଫଳ ଆସନ୍ତା ଦୁଇବର୍ଷ ଭିତରେ ସ୍ପଷ୍ଟ ହୋଇଯିବ । ତେବେ ପ୍ରାଥମିକ ଅନୁସନ୍ଧାନରୁ ଜଣାପଡ଼ିଛି, ଟାୱାରରୁ ବାହାରୁଥିବା ବିକିରଣ ସ୍ପର୍ମ କାଉଣ୍ଟକୁ ବେଶି ପ୍ରଭାବିତ କରୁଛି । ହୃଦ୍‌ରୋଗ ବିଶେଷଜ୍ଞ କହିବା ଅନୁଯାୟୀ ଏହି ବିକିରଣର କୁପ୍ରଭାବ ମଣିଷ ଶରୀର ଉପରେ ପଡୁଛି । ତେବେ ଏ ପ୍ରଭାବର ମାତ୍ରା କେତେ ଏବଂ କେତେ ସମୟ ସଂସ୍ପର୍ଶରେ ଆସିଲେ କୁ ପ୍ରଭାବ ପଡୁଛି ତାହା ଅଧିକ ଗବେଷଣା ପରେ ସ୍ପଷ୍ଟ ହୋଇଯିବ । ମୋବାଇଲ ଟାୱାରରୁ ବାହାରୁଥିବା ବିକିରଣର ପରିମାଣ କମ୍ ହୋଇଥିଲେ ବି ସେଲ୍ ଟିସ୍ୟୁ ଏବଂ ଡିଏନ୍‌ଏ କୁ ପ୍ରଭାବିତ କରିଥାଏ । ମୋବାଇ ଟାୱାର ବିକିରଣ ଜୀବଜଗତକୁ ଗଭୀର ପ୍ରଭାବିତ କରୁଛି ଏଥିଯୋଗୁଁ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ବଂଶ ବୃଦ୍ଧିବାକୁ ବସିଥିବାବେଳେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛନ୍ତି ଘରଚଟିଆ । ଗତ କିଛି ମାସ ମଧ୍ୟରେ ହଜାର ହଜାର ଘରଚଟିଆ ମରି ପଡ଼ିଥିବା ବିଭିନ୍ନ ଅଞ୍ଚଳରେ ଦେଖାଯାଉଛି । ଏହାଛଡ଼ା ଟାୱାର ପାଖାପାଖି ରହୁଥିବା ଲୋକେ ବି ନାନା ରୋଗରେ ପଡୁଛନ୍ତି । ଏହି ଅଭିଯୋଗ ବିଭିନ୍ନ ରାଜ୍ୟରୁ ଆସିବା ପରେ କେନ୍ଦ୍ର ସରକାରଙ୍କ ଚିନ୍ତା ବଢ଼ିଯାଇଛି । ତୁରନ୍ତ ମୋବାଇଲ ଟାୱାରର ବିକିରଣ ହ୍ରାସ ପାଇଁ କେନ୍ଦ୍ର ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ନିର୍ଦ୍ଦେଶ ଦେଇଛି । କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମୋବାଇଲ ଟାୱାରର ବିକିରଣ କମାଇବା ପାଇଁ ରାଜ୍ୟ ଓ ବିଭିନ୍ନ କ୍ଲିନିକ୍ ଅପରେଟିଭ୍ ମାନେ କ'ଣ କରିବା ଉଚିତ ତାହା ଉଲ୍ଲେଖ କରାଯାଇଛି । ବିକିରଣ ଯେପରି ଜୀବଜଗତକୁ ପ୍ରଭାବିତ ନକରିବ ସେନେଇ ସେବା ପ୍ରଦାନକାରୀ କମ୍ପାନୀକୁ ଜଙ୍ଗଲ ଓ ପରିବେଶ ବିଭାଗ ଅବଗତ କରିବ । ଟାୱାରରୁ ବାହାରୁଥିବା ବିକିରଣ ନିୟମିତ ଯାଞ୍ଚ କରାଯିବ । ଯଦି ଟାୱାର ଦ୍ୱାରା ଲୋକେ ପ୍ରଭାବିତ ହେଉଛନ୍ତି ତେବେ ତୁରନ୍ତ ଟାୱାର ଅନ୍ୟତ୍ର ସ୍ଥାନାନ୍ତର କରାଯାଉ । ବିକିରଣ ପ୍ରଭାବ ସମ୍ପର୍କରେ ଟାୱାର ନିକଟରେ ସାଇନ୍‌ବୋର୍ଡ଼ ଲଗାଯାଇ ସୂଚନା ଦିଆଯାଉ । ଟାୱାରର ୧ କିଲୋମିଟର ମଧ୍ୟରେ ଆଉ କୌଣସି ଟାୱାର ଲଗାଯିବା ପାଇଁ ଅନୁମତି ଦିଆନଯାଉ । ଏହି ବିକିରଣ ପ୍ରଭାବ କେତେ କ୍ଷତିକାରକ ତାହା ମୁମ୍ବାଇ ଆଇଆଇଟିର ପ୍ରଫେସର କେନ୍ଦ୍ର ସରକାରଙ୍କୁ ଅବଗତ ସହ ସତର୍କ କରାଇଛନ୍ତି । ବିଶେଷଜ୍ଞଙ୍କ ମତରେ ମୋବାଇଲ ଟାୱାର ନିକଟରେ ରହିବା ଅର୍ଥ ୨୪ଘଣ୍ଟା ମାଇକ୍ରୋ ୱେଭ୍ ଓଭେନ୍ ଭିତରେ ରହିବା ଭଳି । ମୋବାଇଲ ଟାୱାର ବସାଯିବା ନେଇ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ମାନଦଣ୍ଡ ପ୍ରସ୍ତୁତ କରିଥିଲା ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ । ଏଥିରେ ବିଶେଷ ଗୁରୁତ୍ୱ ଦିଆଯାଉଥିଲା ଜୀବଜଗତକୁ । ନିୟମ ହୋଇଥିଲା ମୋବାଇଲ ଟାୱାର ଜନବସତିରୁ ଦୂରରେ ବସିବ । ୧ କିଲୋମିଟର ଭିତରେ ଏକାଧିକ ଟାୱାର ଲାଗିପାରିବ ନାହିଁ ଏବଂ ଟାୱାରର ଉଚ୍ଚତା ଅଧିକ ହେବ । ହେଲେ ସବୁ ନିୟମ ଗଲା ଚୁଲିକୁ । ମୋବାଇଲ କମ୍ପାନୀ ଉକ୍ତ ନିୟମକୁ ଖୋଲାଖୋଲି ଉଲଘଂନ କରିଛନ୍ତି । ଗୋଟିଏ କିଲୋମିଟର ଭିତରେ ଶହ ଶହ ମୋବାଇଲ ଟାୱାର ଛିଡ଼ା ହୋଇଛି । ତା ପୁଣି ଜନବସତି ଭିତରେ ଆଉ କମ୍ ଉଚ୍ଚତାରେ । ସବୁଠାରୁ ବଡ଼କଥା ହେଉଛି ଲଗାଯାଇଥିବା ମୋବାଇଲ ଟାୱାର ମଧ୍ୟରୁ ଅଧାରୁ ଅଧିକ ଅବୈଧ । ଏହାସତ୍ତ୍ୱେ କୌଣସି ରାଜ୍ୟର ସରକାର ପାଟି ଖୋଲି ନାହାଁନ୍ତି । ଦିଲ୍ଲୀରେ ପାଖାପାଖି ୬ ହଜାର ଟାୱାର ଲାଗିଛି । ସେଥିରୁ ୨୯୫୨ଟି ହେଉଛି ଅବୈଧ ସେହିପରି ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳରେ ୨ ହଜାରରୁ ଅଧିକ ମୋବାଇଲ ଟାୱାର ଲାଗିଥିବାବେଳେ ଶତାଧିକ ଅବୈଧ ବୋଲି ଜଣାପଡ଼ିଛି । ମୋବାଇଲ କମ୍ପାନୀଗୁଡ଼ିକ ଏହି ଟାୱାର ଲଗାଇବା ଲାଗି ଆବଶ୍ୟକ ଠାରୁ ଅଧିକ ଟଙ୍କା ଖର୍ଚ୍ଚ କରୁଛନ୍ତି । ଫଳରେ ଫାଇଦା ଉଠାଇବାକୁ ଯାଇ ଲୋକେ ଭବିଷ୍ୟତର ଏହି ବିପଦକୁ ନଜର ଅନ୍ଦାଜ କରିଥିଲେ । ଆଜି ଦେଶ ପାଇଁ ଏକ ପ୍ରକାର କାଳ ପାଲଟିଯାଇଛି ।

ମାନସିକ ରୋଗ ବିଶେଷଜ୍ଞ, ଦି'ବ୍ରେନ,
ପୁରୀଘାଟ ରୋଡ଼, କଟକ,
ଦୂରଭାଷ : ୯୧୩୨୪୩୩୩୩୩

# ମାନବୀୟ ବିଭବ, ଶୃଙ୍ଖଳା ଓ ଶିଷ୍ଟାଚାର


ବିଚିତ୍ରାନନ୍ଦ ପ୍ରଧାନ

ଭଗବାନଙ୍କ ସୃଷ୍ଟିରେ ମନୁଷ୍ୟ ହେଉଛି ଶ୍ରେଷ୍ଠ ପ୍ରାଣୀ । ବୁଦ୍ଧି, ବିଚାର, ଆଦର୍ଶ, ସହନଶୀଳତା, ସଂସ୍କୃତି, ମାନବିକତା, ପରୋପକାରିତା, ଭଲ ପାଇବା ଏଗୁଡ଼ିକ ହେଉଛି ତାର ଅନ୍ୟତମ ଗୁଣଗତ ଶ୍ରେଷ୍ଠ ସମ୍ପଦ । ସବୁ ଯୁଗରେ ଶୃଙ୍ଖଳା ଓ ଶିଷ୍ଟାଚାରକୁ ଗୁରୁତ୍ୱ ଦିଆଯାଇଛି । କାରଣ ଏହା ହେଉଛି ମାନବ ଚେତନା । ଜଣେ ଯେତେ ବଡ଼ କ୍ଷମତାଶାଳୀ, ଅର୍ଥଶାଳୀ ଓ ପ୍ରତିପତ୍ତିଶାଳୀ ହୁଅନ୍ତୁ ନାଁ କାହିଁକି ଯଦି ସେ ଶୃଙ୍ଖଳିତ ନୁହଁନ୍ତି ବା ଶିଷ୍ଟାଚାର ଓ ସଂସ୍କୃତିକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କରିନାହାଁନ୍ତି ତାହାହେଲେ ସେ ମନୁଷ୍ୟ ହୋଇ ମଧ୍ୟ ତାଙ୍କୁ ଜଣେ ମନୁଷ୍ୟ ପଦବାଚ୍ୟ କୁହାଯାଇପାରିବ ନାହିଁ । ପୁରାତନ ଯୁଗର ଆଜି ମାନବ ସଭ୍ୟତାର ମୌଳିକ ଉପାଦାନ ଥିଲା ଶୃଙ୍ଖଳା ଓ ଶିଷ୍ଟାଚାର । ଶୃଙ୍ଖଳା ଓ ଶିଷ୍ଟାଚାରର ଇତିହାସରେ ପୁରାତନ ହୋଇଥିଲେ ମଧ୍ୟ ଏହି ଚିରନ୍ତନ ଓ ନିତ୍ୟନୂତନ । ପ୍ରାଚୀନତ ଯୁଗର ବୈଦିକ ସଭ୍ୟତା ଠାରୁ ଆରମ୍ଭ କରି ଚଳିତ ଯୁଗର ଅତ୍ୟାଧୁନିକ ଯନ୍ତ୍ର ସଭ୍ୟତା ପ୍ରଭୃତିର ପ୍ରତ୍ୟେକ ସୋପାନରେ ଶୃଙ୍ଖଳା ଓ ଶିଷ୍ଟାଚାରର ଶ୍ରେଷ୍ଠ ସ୍ଥାନ ଅଧିକାର କରିଅଛି । ଏହା ପ୍ରତ୍ୟେକ ସଭ୍ୟତାର ମୂଳତତ୍ତ୍ୱ ଓ ପ୍ରତ୍ୟେକ ଧର୍ମର ମୂଳନୀତି । ଶୃଙ୍ଖଳା ଜ୍ଞାନ ନଥିଲେ ମନୁଷ୍ୟର ଶିକ୍ଷା ସଭ୍ୟତାର ଅଗ୍ରଗତି ହୋଇପାରିବ ନାହିଁ । ଶୃଙ୍ଖଳା ହେଉଛି ଏକ ନିର୍ଦ୍ଦିଷ୍ଟ ନୀତି ଓ ପଦ୍ଧତିରେ ନିଜକୁ ବାନ୍ଧି ରଖିବା । କାର୍ଯ୍ୟ କ୍ଷେତ୍ରରେ ମନୁଷ୍ୟ ନିଜ ପ୍ରବୃତ୍ତିକୁ ଦମନ କରି ସଂଯମତା ଅବଲମ୍ବନ କରିବା ଦ୍ୱାରା ଶୃଙ୍ଖଳିତ ଭାବରେ କାର୍ଯ୍ୟ ସଂପାଦନ ହୋଇପାରିବ । କୌଣସି ମହତ କାର୍ଯ୍ୟରେ କୃତିତ୍ୱ ଅର୍ଜନ କରିବା ନିମନ୍ତେ ସଦାଚାର ମାନ ଅଭ୍ୟାସ ଗତ ଭାବରେ ଗ୍ରହଣ କରି ନିଜ ପ୍ରକୃତିରେ ଅଙ୍ଗୀଭୂତ ନିହାତି ଆବଶ୍ୟକ ହୋଇଥାଏ । ଏଣୁ କୁହାଯାଏ ଅଭ୍ୟାସ ଦ୍ୱିତୀୟ ପ୍ରକୃତି ଅଟେ । ଶୃଙ୍ଖଳା ମାଧ୍ୟମରେ ସଦାଚାର ପ୍ରବଣତାକୁ ନିଜ ପ୍ରକୃତିରେ ପରିଣତ କରିବା ସମ୍ଭବ ହୋଇଥାଏ ଓ ଆତ୍ମ ନିୟନ୍ତ୍ରଣ କରିବାରେ ସମର୍ଥ ହୋଇ ସୁଖ ଓ ସଂବୃଦ୍ଧି ପାଇଥାଏ । ଶୃଙ୍ଖଳିତ ଭାବରେ କୃଷିକାର୍ଯ୍ୟ କରାଯିବା ଦ୍ୱାରା ଅଧିକ ଫସଲ ଉତ୍ପାଦିତ ହୋଇଥାଏ । ଅଳ୍ପ ସଂଖ୍ୟକ ଶୃଙ୍ଖଳିତ ସୈନ୍ୟ ବହୁ ସଂଖ୍ୟକ ଶୃଙ୍ଖଳାହୀନ ସୈନ୍ୟଙ୍କୁ ପରାସ୍ତ କରି ପାରନ୍ତି । ଏହାର ସତ୍ୟତା ଇତିହାସରେ ପ୍ରମାଣିତ ହୋଇଅଛି । ଆଧ୍ୟାତ୍ମିକ ଜଗତରେ ମଧ୍ୟ ଶୃଙ୍ଖଳା ଜ୍ଞାନର ଅଶେଷ କଲ୍ୟାଣ ନିହିତ ରହିଅଛି । ଯେଉଁ ବ୍ୟକ୍ତି ନିଜର ଆହାର ବ୍ୟବହାର ଓ ନିତ୍ୟକର୍ମମାନ ଶୃଙ୍ଖଳିତ ଭାବରେ ପାଳନ କରେ ସେହି ବ୍ୟକ୍ତି ଶରୀରରେ କୌଣସି ବ୍ୟାଧି ହୋଇନଥାଏ । ସେ ସୁଖର ପ୍ରାଚୁର୍ଯ୍ୟ ମଧ୍ୟରେ ଦୀର୍ଘ ଜୀବନ ଲାଭ କରେ । ମନୁଷ୍ୟ ଶୃଙ୍ଖଳିତ ଭାବରେ ମହତ କାର୍ଯ୍ୟ କଲେ, ପ୍ରତ୍ୟେକ କ୍ଷେତ୍ରରେ କୃତକାର୍ଯ୍ୟ ହୋଇ ଜଶ ଅର୍ଜନ କରିଥାଏ । ସାମାଜିକ ବିକାଶରେ ପ୍ରତ୍ୟେକ ସମାଜରେ ଆଚରଣ ବିଧି ମାନ ଗଢ଼ି ଉଠିଛି । ଏହାକୁ କୋର୍ଡ ଅଫ କଣ୍ଡକ୍ଟ ବୋଲି କୁହାଯାଏ । ସାମାଜିକ ବ୍ୟବହାରରେ ଶିଷ୍ଟାଚାର ପ୍ରଚଳନ ହୋଇ ଆସୁଅଛି । ଅତିଥି ପ୍ରତି ଗୃହସ୍ଥ ଶିଷ୍ଟାଚାର, ପିତାମାତାଙ୍କ ପ୍ରତି ପୁତ୍ର କନ୍ୟାର ଶିଷ୍ଟାଚାର, ସ୍ୱାମୀ ପ୍ରତି ସ୍ତ୍ରୀର ଶିଷ୍ଟାଚାର, ଗୁରୁମାଙ୍କ ପ୍ରତି ଶିଷ୍ୟଙ୍କର ଶିଷ୍ଟାଚାର ଓ ଶିକ୍ଷକ ମାନଙ୍କ ପ୍ରତି ଛାତ୍ରୀ ମାନଙ୍କର ଶିଷ୍ଟାଚାର ଯୁଗ ଯୁଗ ଧରି ପ୍ରଚଳିତ ହୋଇ ଆସୁଅଛି । ଏହି ବ୍ୟବହାର ବିଧି ସମାଜରେ ପାରସ୍ପରିକ ସମ୍ପର୍କକୁ ଅତୁଟ ରଖିବା ସହିତ ନିର୍ମଳ ଓ ମଧୁମୟ କରି ପାରିଛି । ସଭାସମିତି ଆଦିରେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ରହିବା ନିହାତି ଆବଶ୍ୟକ । ଏହାଦ୍ୱାରା ପରସ୍ପର ମଧ୍ୟରେ ମିତ୍ରଭାବ ସୃଷ୍ଟି ହେବା ସହିତ ଆଲୋଚନା ମାଧ୍ୟମରେ ଅକ୍ଳେଶରେ ସମସ୍ୟା ସମାଧାନ ହୋଇଯାଏ । ବିଶୃଙ୍ଖଳିତ ଭାବରେ ଯୁକ୍ତିତର୍କ କରିବା ଦ୍ୱାରା ଅଯଥାରେ କଳହ ହୋଇ ବ୍ୟକ୍ତି ମାନଙ୍କ ମଧ୍ୟରେ ଶତ୍ରୁତା ସୃଷ୍ଟି ହୋଇଯାଏ । ରଣାଙ୍ଗନରେ ଜଣେ ସୈନିକଙ୍କର ସାମାନ୍ୟ ତୃଟିରୁ ବିଶୃଙ୍ଖଳା ଘଟି ଦେଶ ଦେଶ ମଧ୍ୟରେ ଲଢ଼େଇ ଦ୍ୱାରା ଧନଜୀବନ ନଷ୍ଟ ହୋଇଥାଏ । ଏଣୁ ସାମରିକ ବାହିନୀରେ ଶୃଙ୍ଖଳା ଅତି କଠୋର ଭାବରେ ପାଳନ କରାଯାଏ । ସାମାଜିକ ଜୀବନର ମୂଳାଧାର ହେଉଛି ଶୃଙ୍ଖଳା । ଶିଷ୍ଟାଚାର ଶୃଙ୍ଖଳା ପାଳନରେ ସହାୟକ । ଏଣୁ ଶିଷ୍ଟାଚାର ଓ ଶୃଙ୍ଖଳା ମଧ୍ୟରେ ଅଙ୍ଗାଙ୍ଗୀ ସମ୍ବନ୍ଧ ରହିଅଛି । ମାନବର ଅନ୍ୟାନ୍ୟ ବିଭବ ଠାରୁ ଶୃଙ୍ଖଳା ଓ ଶିଷ୍ଟାଚାରର ସ୍ଥାନ ଉଚ୍ଚତର ଓ ପ୍ରତ୍ୟେକ କ୍ଷେତ୍ରରେ ଏହା ଅପରିହାର୍ଯ୍ୟ । ଏହା କେହି ଅସ୍ୱୀକାର କରିପାରିବେନାହିଁ । ଏଣୁ ଆଧୁନିକ ଭାରତରେ ଶୃଙ୍ଖଳା ଓ ଶିଷ୍ଟାଚାର ପୁନଃ ପ୍ରତିଷ୍ଠା ଏକାନ୍ତ ଆବଶ୍ୟକ । ଛାତ୍ର ଜୀବନ ଚରିତ୍ର ଗଠନର ପ୍ରକୃଷ୍ଟ ସମୟ ହୋଇଥିବାରୁ ଛାତ୍ରଛାତ୍ରୀମାନେ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ଆହରଣ କରିବା ଉଚତ । ଶୃଙ୍ଖଳିତ ଜୀବନ ଯାପନରେ ମନୁଷ୍ୟ ଆପାର ଆନନ୍ଦ ପାଏ । ଜୀବନ ସୁଖମୟ ହୁଏ । ଏଣୁ ଶୃଙ୍ଖଳା ଓ ଶିଷ୍ଟାଚାର ଜ୍ଞାନ ସମସ୍ତ ବ୍ୟକ୍ତିର ରହିବା ଅତ୍ୟନ୍ତ ପ୍ରୟୋଜନ । ଜଣେ ଶୃଙ୍ଖଳିତ ଓ ଶିଷ୍ଟାଚାର ସଂସ୍କୃତି ସମ୍ପନ୍ନ ବ୍ୟକ୍ତି ନିଜ ପରିବାରକୁ ସେହିଧାରାରେ ଗଢ଼ିତୋଳି ଥାଏ ଏବଂ କିଛି ପରିବାରକୁ ନେଇ ଏକ ବୃହତ୍ତର ସମାଜ ବା ଦେଶ ଗଠନ ହୋଇଥାଏ । ଏକ ବିଭବଶାଳୀ ପ୍ରଗତି ଓ ଅଭିବୃଦ୍ଧିଶାଳୀ ରାଷ୍ଟ୍ରର ମୂଳଶକ୍ତି ହେଉଛି ଆଦର୍ଶଗତ ଶିଷ୍ଟାଚାର । ତେଣୁ ଏହି ଶିଷ୍ଟାଚାର ପରି ଏକ ଶ୍ରେଷ୍ଠ ଗୁଣକୁ ନିଜ ଜୀବନରେ କାର୍ଯ୍ୟରେ ପରିଣତ କଲେ ଏହା ଜଣଙ୍କୁ ଦିବ୍ୟ ଜୀବନ ପଥରେ ନେଇଯିବା ସହ ଏକ ସୁସଂସ୍କୃତି ସମ୍ପନ୍ନ ମୂଲ୍ୟବୋଧଭିତ୍ତିକ ପରିବାର ଓ ସମାଜ ଗଠନ ହୋଇପାରିବ ।

ସେକ୍ଟର-୯, ସିଡିଏ, କଟକ,
ଦୂରଭାଷ : ୯୯୩୭୨୨୪୦୮୫

# ‘ଝିଅ ମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା’


ଡ଼ଃ.ଅରୁନ୍ଧତୀ ଦେବୀ

ପ୍ରତିବର୍ଷ ମାର୍ଚ୍ଚ ୧୨ରେ ପାଳନ କରାଯାଏ ଗର୍ଲ ସ୍କାଉଟ ଡେ । ଜୁଲିଏଟ୍ ଡେଜି ଗର୍ଡ଼ନ୍ ଲୋ ଗର୍ଲ ସ୍କାଉଟ ପ୍ରତିଷ୍ଠା କରିଥିଲେ । ପ୍ରତିବର୍ଷ ଏକ ମୁଖ୍ୟ ସ୍ଲୋଗାନ ବା ବାର୍ତ୍ତା ଏହି ଦିବସ ପାଇଁ ରହିଥାଏ । ଚଳିତ ବର୍ଷର ଏହି ବାର୍ତ୍ତା ରହିଛି ‘ଝିଅ ମାନଙ୍କ ପାଇଁ ପ୍ରଗତିର ଆଲୋକବର୍ତ୍ତିକା’ । ୧୯୧୨ ମାର୍ଚ୍ଚ ଏହି ଦିନରେ ମାତ୍ର ଅଠର ଜଣ ବାଳିକାଙ୍କୁ ନେଇ ଜର୍ଜିଆର ସାଭାନାରେ ଏହାର ପ୍ରଥମ ପ୍ରତିଷ୍ଠା ଦିବସ ପାଳନ କରିଥିଲେ । ବାଳିକାଙ୍କୁ ଅଧିକ ସ୍ୱାଧୀନତା ଦେବା ସହ ଘରୁ ବାହାରି ବାଳକଙ୍କ ସହ ସମକକ୍ଷ ହେବା ପାଇଁ ନିଜକୁ ପ୍ରସ୍ତୁତ କରିବା ଥିଲା ଏହି ସଂସ୍ଥା ଗଠନର ଲକ୍ଷ୍ୟ । ମୁଖ୍ୟ ଆଭିମୁଖ୍ୟ ଏ ପର୍ଯ୍ୟନ୍ତ ଅପରିବର୍ତ୍ତିତ ରହିଛି । ଏହି ସଂସ୍ଥା ସଂପୂର୍ଣ୍ଣ ଭାବେ ମହିଳାଙ୍କ ପାଇଁ, ମହିଳାଙ୍କର ଏବଂ ମହିଳାଙ୍କ ଦ୍ୱାରା ପରିଚାଳିତ । ସଂପ୍ରତି ସାରା ବିଶ୍ୱରେ ଏହାର ସଦସ୍ୟା ସଂଖ୍ୟା ସତତିରିଶ ଲକ୍ଷ । ଅଦ୍ୟାବଧି ପାଞ୍ଚ କୋଟିରୁ ଅଧିକ ବାଳିକା ଏହାର ସଦସ୍ୟା ହୋଇସାରିଲେଣି । ପୃଥିବୀର ଅନେକ ବିକାଶଶୀଳ ରାଷ୍ଟ୍ରର ଆଗୁଆ ଝିଅମାନେ ଦିନକୁ ଦିନ ଏହି ସ୍କାଉଟ୍ ସମ୍ବନ୍ଧରେ ଅଧିକ ଜାଣିବା ସହ ଏହାର ସଦସ୍ୟତା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି । ସେହିପରି ବର୍ତ୍ତମାନ ସମୟରେ ସ୍କାଉଟ ବ୍ୟବସ୍ଥା ଏହାର ସାମଗ୍ରୀକ ସାମାଜିକ ସେବା ଓ ଦାୟିତ୍ୱବୋଧତାକୁ ବଢ଼ାଇ ସାରିଲାଣି । ଏ କ୍ଷେତ୍ରରେ ୟୁନିସେଫ୍ ଓ ବିଶ୍ୱ ସ୍ୱାସ୍ଥ୍ୟ ସେବା ସଙ୍ଗଠନ ସେମାନଙ୍କୁ ନୈତିକ ସମର୍ଥନ ଓ ସହଯୋଗ ଦେବା ପାଇଁ ଆଗେଇ ଆସୁଛନ୍ତି । ଏସବୁ ସତ୍ତ୍ୱେ ବର୍ତ୍ତମାନ ବି ଝିଅ ମାନଙ୍କ ପ୍ରତି ଅତ୍ୟାଚାର, ଅସଦ୍ ବ୍ୟବହାର ଓ ନିନ୍ଦନୀୟ ଆଚରଣ ଦିନକୁ ଦିନ ଉଦ୍‌ବେଗଜନକ ଭାବେ ବଢୁଛି । ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ଅନ୍ୟ ଶିକ୍ଷାନୁଷ୍ଠାନରେ ଗାର୍ଲ ସ୍କାଉଟ କେନ୍ଦ୍ର ଅଧିକରୁ ଅଧିକ ଭାବେ ଖୋଲିବା ସହ ସରକାର ଓ କିଛି ବେସରକାରୀ ସଂଗଠନମାନେ ମଧ୍ୟ ସହାୟତା, ପ୍ରୋତ୍ସାହନ ଓ ପୃଷ୍ଠପୋଷକତା ମଧ୍ୟ କରୁଛନ୍ତି । ତେଣୁ ଏ ସବୁ କ୍ଷେତ୍ରରେ ଆମ ସମସ୍ତଙ୍କ ଭିତରେ ସଚେତନତା ସୃଷ୍ଟି ହେବା ସହ ଗର୍ଲ ସ୍କାଉଟ ବ୍ୟବସ୍ଥା କିପରି ସବୁଠି ପ୍ରଚଳିତ ହେବା ସହ ଏହା ଝିଅ ମାନଙ୍କୁ ସାହାସ, ସାମାଜିକ ସେବା, ନୈତିକତାର ପରିଚୟ ଓ ଦେଶ ମାତୃକାର ସେବା ପାଇଁ ସମର୍ପିତ ଭାବନା ସୃଷ୍ଟି କରିବ ଏ ସବୁ ଅନୁଚିନ୍ତାକୁ ନେଇ ଆଜିର ଦିବସର ଅନ୍ତର୍ନିହିତ ମୂଳ ତାତ୍ପର୍ଯ୍ୟକୁ ଆମେମାନେ ବୁଝିପାରିଲେ ଗର୍ଲ ସ୍କାଉଟ ଡେର ପ୍ରାସଙ୍ଗିକତା ଉଜ୍ଜୀବିତ ହୋଇରହିବ ଓ ଅନ୍ୟ ଝିଅ ମାନଙ୍କୁ ଏହା ଆଲୋକବର୍ତ୍ତିକା ପରି ରାସ୍ତା ଦେଖାଇବ ନିଶ୍ଚୟ ।

ନିର୍ଦ୍ଦେଶିକା ଓ ସମ୍ପାଦିକା, ଆନ୍ତର୍ଜାତିକ
ଅଶୋଭନୀୟ ନିରୋଧ ଆନ୍ଦୋଳନ,
କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଇତିହାସରେ ଆମ ଶାସନ ଓ ସ୍ୱାଧିନତା


ଅକ୍ଷୟ କୁମାର ରାଉତ

ଆମ ଦେଶ ଭାରତ , ତାର ସଭ୍ୟତା ଅତି ପ୍ରାଚୀନ । ଯାହାର ଉତର ରେ ହିମାଳୟ . ଦକ୍ଷିଣ ରେ ଭାରତ ମହାସାଗର , ପୂର୍ବ ଦିଗରେ ବଙ୍ଗୋପ ସାଗର (କଳିଙ୍ଗସାଗର) ପଶ୍ଚିମରେ ଆରବ ସାଗର , ହଜାର ହଜାର ବର୍ଷ ତଳେ ଏକ ସଭ୍ୟତା ମୁଣ୍ଡ ଟେକିଥିଲା । ଭାରତ ର ସିନ୍ଧୁନଦୀ କୂଳରେ ହଜାର ହଜାର ବର୍ଷ ତଳେ ଦ୍ରାବିଡ଼ ସଭ୍ୟତା ନାମରେ ଏକ ସଭ୍ୟତା ଗଢ଼ି ଉଠିଥିଲା । ଭାରତ ବର୍ଷର ବୈଭବ ,ସଭ୍ୟତା ଓ ସଂକୃତି ରେ ଆକୃଷ୍ଟ ହୋଇ ବହୁ ବର୍ଷ ତଳେ ମଧ୍ୟ ଏସିଆରୁ ଦଳ ଦଳ ଆର୍ଯ୍ୟ ଭାରତ ଭିତର କୁ ପଶି ଆସିଲେ । ଉଭୟ ଙ୍କ ମଧ୍ୟରେ ଯୁଦ୍ଧ ହେଲା ପରେ ମିଳିମିଶି ଚଳିଲେ , ଫଳରେ ଏକ ନୂତନ ସଭ୍ୟତା ଗଢ଼ି ଉଠିଲା । ଭାରତ କୁ ଆକ୍ରମଣ କଲେ ପାରସ୍ୟର ରାଜା ସାଇରସ୍ ଓ ତାଙ୍କର ପୁଅ ଡ଼େରାୟସ । ସେମାନେ ଭାରତର ଶାସନ ବେଶି ଦିନ ରଖି ପାରିଲେ ନାହିଁ । କେତେକ ପାରସ୍ୟିକ ଭାରତରେ ରହିଗଲେ । ଏହା ପରେ ଗ୍ରୀକ୍ ବୀର ଆଲେକଜାଣ୍ଡାର ଭାରତ ଆକ୍ରମଣ କଲେ । ଭାରତ କୁ ବେଶିଦିନ ହାତରେ ରଖି ପାରି ନ ଥିଲେ । କିଛି ଗ୍ରୀକ୍ ଭାରତୀୟ ଙ୍କ ସହିତ ରହି ମିଳିମିଶି ଚଳିଲେ । ତାପରେ ଆମ ଦେଶ କିଛି ଭାରତୀୟ ଓ ବିଦେଶୀ ମାନଙ୍କ ଦ୍ୱାରା ଶାସନ ହେଲା ଯଥା- ଶକ୍ , ପଲ୍ଲବ ,ଇଉଚି ,ହୁଣ , କୃଶାଣ , ଗୁର୍ଜର ଓ ତାତାର ମାନଙ୍କ ଦ୍ୱାରା , ପରେ ଆରବୀୟ ମାନେ ଆସିଲେ । ତୁର୍କୀ ଓ ଘୋର ବଂଶଜ ମୁସଲମାନ ମାନେ ଆସି ଭାରତ କୁ ଦଖଲ କରି ଶାସନ କଲେ ଓ ରହିଗଲେ । ତାପରେ କାବୁଲ ରୁ ମୋଗଲ ମାନେ ଆସି ଭାରତକୁ ଅଧିକାର କରି ଶାସନ ଚଳାଇଲେ । ସେମାନେ ଭାରତ କୁ ଭଲପାଇ ଭାରତରେ ରହିଗଲେ । ଏହାପରେ ଭାରତକୁ ଇଉରୋପରୁ ଆସିଲେ ପର୍ତୁଗୀଜ , ଓଲନ୍ଦାଜ . ଦିନାମାର , ଫରାସି ଓ ଇଂରେଜ ମାନେ , ସେମାନେ ବାଣିଜ୍ୟ କରିବାକୁ ଆସି ନିଜ ନିଜ ଭିତରେ ପ୍ରତିଯୋଗିତା ଆରମ୍ଭ କରି ଦେଲେ । ପର୍ତୁଗୀଜ ମାନଙ୍କ ହାତରେ ରହିଗଲା ଗୋଆ , ନାମନ ଓ ଡ଼ିଉ । ଫରାସୀ ମାନଙ୍କ ହାତରେ ରହିଗଲା ପଣ୍ଡିଚେରୀ ,ମାହେ ଓ ଚନ୍ଦନ ନଗର , ଇଂରେଜ ମାନଙ୍କ ହାତରେ ରହିଲା ମାନ୍ଦ୍ରାଜ ,ବମ୍ବେ ଓ କଲିକଟ୍ ।

ଇଂରେଜ ମାନେ ଇଷ୍ଟଇଣ୍ଡିଆ କମ୍ପାନୀ ଗଠନ କରି ବାଣିଜ୍ୟ କରୁକରୁ ରାଜନୀତରେ ପଶିଲେ । ସେତେ ବେଳେ ଭାରତରେ ବହୁତ ରାଜା ଓ ନବାବ୍ ଥିଲେ । ସେମାନଙ୍କ ମଧ୍ୟରେ ଏକତା ନ ଥିଲା । ଏହି ସୁଯୋଗରେ ଇଂରେଜ ମାନେ ବଙ୍ଗଳାର କାଳିଘାଟ ,ସୁତାନଟୀ ଓ ଗୋବିନ୍ଦପୁର ଠାରେ ବାଣିଜ୍ୟ କୋଠି ତିଆରୀ କଲେ । ସେହି ଗାଆଁ ତିନୋଟି କୁ କଲିକତା ନାମ ଦେଇ ସେଠାରେ ଏକ ଦୁର୍ଗ ତିଆରି କରି ନାମ ଦେଲେ ଫୋର୍ଟ ଇଉଲିୟମ୍ ।ବଙ୍ଗର ନବାବ ସିରାଜଦ୍ଦୌଲା ଇଂରେଜ ମାନଙ୍କୁ ତଡ଼ିବାକୁ ଲାଗିଲେ ଫଳରେ ଉଭୟଙ୍କ ମଧ୍ୟରେ ପଲାସୀ ଠାରେ ଯୁଦ୍ଧ ହେଲା । ସେନାପତି ମିରର୍ଜଫରଙ୍କ ବିଶ୍ୱାସଘାତକତା ଯୋଗୁ ବଙ୍ଗର ନବାବ ପରାସ୍ତ ହେଲେ ଓ ମିରର୍ଜାଫରଙ୍କ ପୁଅ ଦ୍ୱାରା ନିହତ ହେଲେ । ଇଂରେଜ ମାନଙ୍କ ସହାୟତାରେ ମିରର୍ଜଫର ବଙ୍ଗର ନବାବ ହେଲେ , ପରେ ଅଧିକ ଧନ ଲୋଭରେ ଇଂରେଜ ମାନେ ମିରର୍ଜାଫରଙ୍କୁ ଗାଦିରୁ ହଟାଇ ମିର୍‌କାଶିମ୍ କୁ ବଙ୍ଗଳା ର ନବାବ କଲେ । ମିରକାଶିମ୍ ଇଂରେଜ ମାନଙ୍କୁ ମାନିଲେ ନାହିଁ । ଭାରତୀୟ ବଣିକ ମାନଙ୍କୁ ଇଂରେଜ ମାନଙ୍କ ସହିତ ଅଧିକାର ଦେଲେ । ତେଣୁ ଇଂରେଜ ମାନେ ମିରକାଶିମ୍ ଙ୍କୁ ଆକ୍ରମଣ କଲେ । ପାଇକ ମାନଙ୍କ ର ସେନାପତି ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଓ ଜୟକୃଷ୍ଣ ରାଜଗୁରୁ । ଏମାନେ ଇଂରେଜ ଶାସନ କୁ ଦୂର କରି ଦେଇଥିଲେ । ପରେ ଇଂରେଜ ମାନେ ପାଇକ ବିଦୋହ କୁ ଦମନ କରି ଦେଲେ । ଇଂରେଜ ବଡ଼ଲାଟ ଲର୍ଡ଼ ଡ଼େଲହାଉସି ଏକ ନୂଆ ଆଇନ୍ ଘୋଷଣା କଲେ ଫଳରେ କୌଣସି ଭାରତୀୟ ରାଜା ପୋଷ୍ୟପୁତ୍ର ଗ୍ରହଣ କରି ପାରିବେ ନାହିଁ ।ତେଣୁ ରାଣୀ ଲକ୍ଷ୍ମୀବାଇ ଅଯୋଧ୍ୟାର ନବାବ୍ ଓ ପୁନାର ପେଶବା ନାନା ସାହେବ ରାଜ୍ୟ ହରା ହେଲେ । ଇଂରେଜ ମାନଙ୍କ ବିରୁଦ୍ଧରେ ଭାରତର ବହୁ ରାଜା ମିଳିତ ହୋଇ ସଂଗ୍ରାମ ଆରମ୍ଭ କରି ଦେଲେ । ଏମାନେ ହେଲେ ପୁନାର ପେଶବା ନାନା ସାହେବ , ରାଜା କନ୍‌ୱାର ସିଂହ , ସମ୍ବଲପୁର ର ବୀର ସୁରେନ୍ଦ୍ର ସାଏ , ରାଣୀ ଲକ୍ଷ୍ମିବାଇ , ମରହଟ୍ଟା ବୀର ରାଓ ସାହେବ , ତାଁ ଆ ତୋପି ଓ ପୁରୀ ପଣ୍ଡା ଚନ୍ଦନ ହଜୁରୀ । ଏହି ସମୟରେ ଏନ୍‌ଫିଲଡ଼ ବନ୍ଧୁକର ଟୋଟାକୁ ଦାଂରେ ଛିଣ୍ଡାଇ ମାରିବାକୁ ପଡୁଥିଲା । ଏହି ଟୋଟାରେ ଗୋରୁ ଓ ଘୁଷୁରୀ ଚର୍ବି ଲାଗିଥିଲା । ଫଳରେ ଧର୍ମ ଯିବା ଭୟରେ ହିନ୍ଦୁ ଓ ମୁସଲମାନ ସିପାହୀ ମାନେ ବିଦ୍ରୋହ କରି ଉଠିଲେ , ବାରାକପୁର ଠାରେ ସିପାହୀ ମଙ୍ଗଳ ପାଣ୍ଡେ ଗୋରା ଅଫିସର କୁ ଗୁଳି କରି ମାରି ଦେଲେ । ତେଣୁ ମଙ୍ଗଳ ପାଣ୍ଡେଙ୍କୁ ୧୮୫୭ ମସିହା ଅପ୍ରେଲ ମାସ ଆଠ ତାରିକରେ ଇଂରେଜ ମାନେ ମୃତ୍ୟୁଦଣ୍ଡ ଦେଲେ ।ସେଥିପାଇଁ ସିପାହୀ ମାନେ ବିଦ୍ରୋହ କରି ଦେଲେ । ୧୮୫୭ ମସିହା ମେ ମାସ ଦଶ ତାରିଖରେ ଦିଲ୍ଲୀ ଅଧିକାର କରି ନେଲେ । ବାହାଦୁର ଶାହାଙ୍କୁ ଭାରତର ସ୍ୱାଧିନ ସମ୍ରାଟ ବୋଲି ଘୋଷଣା କଲେ । ଭାରତର ଚାରିଆଡ଼େ ବିଦ୍ରେହ ସୂତ୍ରପାତ ହେଲା । ଏହା ଥିଲା ଭାରତର ଏକ ବଡ଼ ବିଦ୍ରୋହ ଯାହାକୁ ଆମେ ସିପାହୀ ବିଦ୍ରୋହ ବୋଲି ନାମିତ କରୁ । ରାଣୀ ଲକ୍ଷ୍ମିବାଇ ଯୁଦ୍ଧ କରୁ କରୁ ସରାଇ ଠାରେ ଗୁଳିବିଦ୍ଧ ରେ ଟଳି ପଡ଼ିଲେ । ତାଁଆଟୋପି ଇଂରେଜ ମାନଙ୍କ ସହ ଗରିଲା ଯୁଦ୍ଧ କରୁ ଥିଲେ । ମାନସିଂହ ନାମକ ଜଣେ ବ୍ୟାକ୍ତି ବିଶ୍ୱାସଘାତକତା କରି ତାଁଆଟୋପି ଙ୍କୁ ଇଂରେଜ ମାନଙ୍କ ହାତରେ ଧରାଇ ଦେଲେ । ତେଣୁ ଗୋରା ମାନେ ତାଁଆ ଟୋପି ଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ ।ସିପାହୀ ବିଦ୍ରେହ ପରେ ଇଂରେଜ ସରକାର କମ୍ପାନୀ ହାତରୁ ଭାରତର ଶାସନ ଭାର ଗ୍ରହଣ କରି ଭାରତକୁ ଶାସନ କଲେ । ଅସ୍ତ୍ରଆଇନ୍ ଜାରି କରି ଭାରତୀୟ ମାନଙ୍କ ଠାରୁ ସବୁ ଅସ୍ତ୍ର ଶସ୍ତ୍ର ଇଂରେଜ ସରକାର ନେଇ ଗଲେ । ସେମାନେ ଭାରତକୁ ଅର୍ଥନୈତିକ କ୍ଷେତ୍ରରେ ଶୋଷଣ କରିବାକୁ ଲାଗିଲେ । ସେମାନଙ୍କ ଅତ୍ୟାଚାର ଦିନକୁ ଦିନ ବଢ଼ିଲା । ଆମ ସମାଜରେ ଥିବା କୁସଂସ୍କାରେ ଆମକୁ ଆହୁରୀ ତଳକୁ ନେଇଗଲା । କଂଗ୍ରେସ ର ଉଦ୍ୟମ ଫଳରେ ଇଂରେଜ ସରକାର ୧୮୯୨ ମସିହାରେ ଭାରତୀୟ ବ୍ୟବସ୍ଥା ସଭା ଆଇନ୍ ତିଆରୀ କଲେ । ଏହା ଦ୍ୱାରା ଲୋକ ପ୍ରତିନିଧି ଶାସନ ର ମୂଳଦୁଆ ଭାରତରେ ପଡ଼ିଲା । ପ୍ରଥମ ବିଶ୍ୱଯୁଦ୍ଧରେ ବହୁ ଭାରତୀୟ ଜୀବନ ହରାଇଲେ । କୋଟି କୋଟି ଟଙ୍କା ଭାରତୀୟ ମାନେ ଇଂରେଜ ସରକାରଙ୍କୁ ସାହାର୍ଯ୍ୟ ଦେଇଥିଲେ । ହେଲେ ‘ମଣ୍ଟେଗୁ ଚେମସ୍ ଫୋର୍ଡ଼ ଶାସନ ସଂସ୍କାର’’ ଆଇନ ପ୍ରଣୟଣ କରି ଭାରତୀୟ ମାନଙ୍କ ଆଶା କୁ ଚୁରୁମାର କରି ଦେଲେ ଇଂରେଜ ସରକାର । ତାପରେ ‘ରାଓଲାଟ ଆଇନ୍’ କୁ ଭାରତରେ ବିରୋଧ କରାଗଲା । ପାବ ର ଜାଲିଆନାୱାଲା ବାଗ ଠାରେ ୧୯୧୯ ମସିହା ଅପ୍ରେଲ ମାସରେ ଏକ ସଭା କଲେ । ଏହି ବାଗ୍‌ରେ ଗୋଟିଏ ମାତ୍ର ଦ୍ୱାର ଥିଲା । ଗୋରା ସେନାପତି ଡ଼ାୟାର ସୈନ୍ୟ ନେଇ ଦ୍ୱାର ଦେଶରେ କାହାକୁ ଛାଡ଼ିବାକୁ ନ ଦେଇ ଗୁଳି ଚଳାଇଲେ ଫଳରେ ସ୍ତ୍ରୀ ,ପୁରୁଷ ଓ ଶିଶୁ ମିଶି ଦୁଇ ହଜାର ରୁ ଅଧିକ ଲୋକ ମରିଗଲେ । ସାରା ଭାରତରେ ଶୋକ ର ଛାୟା ଖେଳିଗଲା । ବିଶ୍ୱ କବି ରବିନ୍ଦ୍ର ନାଥ ଠାକୁର ଇଂରେଜ ସରକାର ଙ୍କୁ ତାଙ୍କର ‘ନାଇଟ୍’ ଉପାଧି ଫେରାଇ ଦେଲେ । ଭାରତୀୟ ଗାନ୍ଧିଜୀ ଙ୍କର ଅହିଂସା ନୀତି ଓ ସତ୍ୟାଗ୍ରହ ନିୟମରେ ଆନ୍ଦୋଳନ ଚାଲିଲା । ଉଗ୍ରପନ୍ଥୀ ମାନେ ପୋଡ଼ାଜଳା ଆରମ୍ଭ କରି ଦେଲେ । ଗୁଜୁରାଟ ର ଚୌରି ଚୌରା ଠାରେ ଘେରାଉ କରି ବାଇଶ ଜଣ ପୋଲିସ୍ ଙ୍କୁ ପୋଡ଼ି ଦେଲେ । ଗାନ୍ଧିଙ୍କ ଅସହଯୋଗ ଆନ୍ଦୋଳନ ବନ୍ଦ ହୋଇଗଲା । ‘ସ୍ୱରାଜଦଳ’ ର ନେତା ମୋତିଲାଲ ନେହେରୁ ,ଦେଶବନ୍ଧୁ ଚିତରନ ଦାସ , ଜାତୀୟ କଂଗ୍ରେସ ର ଜହାରଲାଲ ନେହେରୁ , ସୁବାଷ ଚନ୍ଦ୍ର ବୋଷ , ବଲ୍ଲଭଭାଇ ପଟେଲ , ଗୋବିନ୍ଦ ବଲ୍ଲଭ ପନ୍ଥ , ରାଜେନ୍ଦ୍ର ପ୍ରସାଦ , ରାଜ ଗୋପାଳ ଚାରୀ , ମୌଲାନା ଆବୁଲ୍‌କାଲମ , ଅବଦୁଲ ଗଫୁର ଖାଁ , ଲାଲା ଲାଜପତ ରାୟ , ଗୋପବନ୍ଧୁ ଦାସ , ନୀଳକଣ୍ଠ ଦାସ , ମହାତ୍ମା ଗାନ୍ଧି ଓ ବହୁ ସ୍ୱାଧିନତା ସଂଗ୍ରାମୀ ମାନଙ୍କ ସହିତ ୩୦ ହଜାର ଆନ୍ଦୋଳନ କାରୀ ଜେଲ ବରଣ କଲେ । ସଭରକର ଓ ଅରବିନ୍ଦ ହିଂସାନୀତିରେ ଆନ୍ଦୋଳନ କରୁଥିଲେ । ହିଂସା ନିତିରେ ହିଂସାକାଣ୍ଡ ଖଟାଇ ଭଗତ ସିଂ ଓ ଉଦ୍ଦାମ ସିଂହ ଫାଶୀ ପାଇଗଲେ । ୧୯୨୮ ମସିହାରେ ବ୍ରିଟିଶ ସରକାର ଏକ ସମିତି ଗଠନ କରି ଭାରତ କୁ ପଠାଇଲେ । ସାଇମନ୍ ସାହେବ ଏହାର ସଭାପତି ଥିଲେ । ସାତଜଣ ସଭ୍ୟ ମଧ୍ୟରେ କେହି ଭାରତୀୟ ନ ଥିଲେ । ତେଣୁ ଜାତୀୟ କଂଗ୍ରେସ ଏହାକୁ ବିରୋଧ କଲା ।‘ସାଇମନ୍ ଫେରିଯାଅ’’ । କିନ୍ତୁ ସାଇମନ୍ ବ୍ରିଟିଶ ସରକାର ଙ୍କୁ ରିପୋର୍ଟ ଦେଲେ । ତେଣୁ କଂଗ୍ରେସ ୧୯୨୯ ମସିହାରେ ଲାହୋର ଅଧିବେସନରେ ଭାରତୀୟ ପୂର୍ଣ୍ଣ ସ୍ୱାଧିନତା ପାଇଁ ଘୋଷଣା କରି ମହାତ୍ମା ଗାନ୍ଧି ଙ୍କୁ ସଂଗ୍ରାମ କରିବାର ଦାୟିତ୍ୱ ଦେଲେ । ଗାନ୍ଧିଜୀ ଅଣାଅଶୀ ଜଣ ସତ୍ୟାଗ୍ରହୀଙ୍କୁ ଧରି ଦାଣ୍ଡି ଯାତ୍ରା କଲେ । ସେଠାରେ ସେ ୧୯୩୦ ମସିହା ଅପ୍ରେଲ ନଅ ତାରିଖରେ ଲବଣ ଆଇନ୍ ଭଙ୍ଗ କଲେ । ସାରା ଭାରତରେ ଲବଣ ସତ୍ୟାଗ୍ରହ ଚାଲିଲା । ଦ୍ୱିତୀୟ ଗୋଲ ଟେବୁଲ ବୈଠକରେ ଗାନ୍ଧି ଯୋଗ ଦେଲେ କିନ୍ତୁ କିଛି ଫଳ ହେଲା ନାହିଁ ।

୧୯୩୫ ମସିହାରେ ଭାରତ ଶାସନ ଆଇନ୍ ରେ ଭାରତୀୟ ମାନଙ୍କୁ ଅଧିକ ଶାସନ କ୍ଷମତା ଦିଆ ଗଲା । ଏହି ଆଇନ୍ ଅନୁସାରେ ୧୯୩୭ ମସିହାରେ ଭାରତରେ ନିର୍ବାଚନ ଆରମ୍ଭ ହେଲା । ଭାରତର ଏଗାରଟି ପ୍ରଦେଶ ରୁ କଂଗ୍ରେସ ସାତଟି ପ୍ରଦେଶରେ ସଂଖ୍ୟା ଗରିଷ୍ଠତା ହାସଲ କରି ମନ୍ତ୍ରୀ ମଣ୍ଡଳ ଗଠନ କଲା । ସୁବାଷ ବୋଷ କଂଗ୍ରେସ ଛାନି ‘ଫରୱାର୍ଡ଼ ବ୍ଲକ୍’’ ନାମରେ ଏକ ଅଲଗା ଦଳ ଗଠନ କଲେ ।

୧୯୩୯ ମସିହାରେ ଜାତିୟ କଂଗ୍ରେସ କୁ ନ ପଚାରି ବଡ଼ଲାଟ୍ ଭାରତ କୁ ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ସାମିଲ କରି ଦେଲେ । କଂଗ୍ରେସ ନେତା ମାନେ ଯୁଦ୍ଧ ବିରୋଧୀ ଧ୍ୱନି ଦେଇ ଜେଲ୍ ଗଲେ ।୧୯୪୧ ମସିହାରେ ସୁବାଷ ବୋଷ ଭାରତରୁ ଜର୍ମାନୀ କୁ ପଳାଇ ଯାଇଁ ‘ଆଜଦ୍ ହୀନ୍ଦ ଫଉଜ’’ ଗଠନ କଲେ । ୧୯୪୨ ମସିହାରେ କଂଗ୍ରେସ ଭାରତ ଛାଡ଼ ଆନ୍ଦୋଳନ ଆରମ୍ଭ କରି ଦେଲା । ସୁବାଷ ବୋଷ ଜାପାନ୍ ସାହାର୍ଯ୍ୟରେ ପୂର୍ବପଟୁ ଭାରତ କୁ ଅଭିଯାନ ଆରମ୍ଭ କଲେ । ‘ଆଜଦ୍ ହୀନ୍ଦ ଫଉଜ’’ କୋହିମା ଅଧିକାର କରି ମଣିପୁର ଘେରାଉ କରି ଦେଲେ , ଦ୍ୱିତୀୟ ବିଶ୍ୱ ଯୁଦ୍ଧରେ ଇଂଲଣ୍ଡ ଜୟ ଲାଭ କଲେ ମଧ୍ୟ ବହୁତ ଦୂର୍ବଳ ହୋଇ ପଡ଼ିଥିଲା । ସେମାନଙ୍କ ପକ୍ଷେ ଭାରତକୁ ଶାସନ କରିବା ଆଉ ସମ୍ଭବ ହୋଇ ନ ଥିଲା । ତେଣୁ ଇଂରେଜ ସରକାର ଭାରତକୁ ସ୍ୱାଧିନତା ଦେବା ପାଇଁ ରାଜି ହୋଇ କଂଗ୍ରେସ ନେତା ମାନଙ୍କୁ ଜେଲରୁ ଖଲାସ କରି ଦେଲେ । ମୁସଲିମ୍ ଲିଗ୍ ନେତା ମହମ୍ମଦ ଅଲ୍ଲୀ ଜିନା ମୁସଲମାନ ଙ୍କ ପାଇଁ ପାକିସ୍ତାନ ଦାବି କଲେ । ହିନ୍ଦୁ ଓ ମୁସଲମାନ ଙ୍କ ମଧ୍ୟରେ ମାରପିଟି ଆରମ୍ଭ ହେଲା । ବହୁ ହିନ୍ଦୁ ଓ ମୁସଲମାନ ବଳି ପଡ଼ିଗଲେ । ଏହି ସମୟରେ ଭାରତୀୟ ନୌ ବାହିନୀରେ ବିଦ୍ରୋହ ହେଲା । ବ୍ରିଟିଶ ସରକାର ଆଉ କାଳ ବିଳମ୍ବ ନ କରି ଲର୍ଡ଼ ମାଉଣ୍ଟ ବ୍ୟାଟେନ୍ କୁ ଭାରତର ବଡ଼ ଲାଟ କରି ପଠାଇଲେ । ଭାରତ ଓ ପାକିସ୍ଥାନ ଦୁଇ ଭାଗ କରି ଦୁଇଟି ଦେଶ କୁ ସ୍ୱାଧିନତା ଦେଇ ଦେଲେ ।ପରିଶେଷରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ସ୍ୱାଧିନତା ଲାଭ କଲା । ଗୋପବନ୍ଧୁ ଙ୍କ ଭାଷାରେ-

‘ ସ୍ୱାଧିନତା ମାନବର ଜନ୍ମ ଅଧିକାର
ସ୍ୱାଧିନ ଭାଷଣ ଆଉ ସ୍ୱାଧୀନ ବିହାର
ସ୍ୱାଧୀନ ଜୀବନ ପୁଣି ସ୍ୱାଧୀନ ସମିତି
ଚାରି ସ୍ତମ୍ଭେ ମାନବର ସମାଜ ସଂସ୍ଥିତି ।

ପାରାଦ୍ୱୀପ ଗଡ଼, କୁଜଙ୍ଗ
ଜଗତସିଂହପୁର,ଓଡ଼ିଶା
ମୋ-୯୯୩୭୬୯୧୪୭୫




# ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଗତ ୭୫ ଦିନରେ ନିବେଶକଙ୍କ ୩୨୨୬ କୋଟି ଟଙ୍କା ପଇଠ

ଭୁବନେଶ୍ୱର: ସାହାରା ଇଣ୍ଡିଆ ପରିବାର ପକ୍ଷରୁ ଆଜି ମିଡିଆରେ ଜାରି କରାଯାଇଥିବା ଏକ ବିବୃତି ଅନୁସାରେ, ଗତ ଦୁଇରୁ ଅଢେଇ ମାସ ମଧ୍ୟରେ ଏହି ଗ୍ରୁପ୍ ପକ୍ଷରୁ ଏହାର ୧୦,୧୭,୧୯୪ ଜଣ ସଦସ୍ୟଙ୍କୁ ମୋଟ ୩୨୨୬.୦୩ କୋଟି ଟଙ୍କା ପଇଠ କରାଯାଇଛି। ଏହି ଅବଧିରେ ପଇଠ କରାଯାଇଥିବା ମୋଟ ରାଶି ମଧ୍ୟରୁ ୨.୧୮% ରାଶି ବିଳମ୍ବିତ ଦେୟ ଅଭିଯୋଗକାରୀଙ୍କୁ ପଇଠ କରାଯାଇଥିଲା। ସମୁଦାୟ ବିଳମ୍ବିତ-ଦେୟ ଅଭିଯୋଗକାରୀ ବା ଡିଲେଡ୍-ପେମେଂଟ୍ସ କମ୍ପ୍ଲେନାଂଟ୍ସ ସଂଖ୍ୟା ମୋଟ ନିବେଶକଙ୍କର ୦.୦୭% ରହିଛି। ସାହାରା ନିକଟରେ ଦେଶବ୍ୟାପର ୮ କୋଟି ନିବେଶକ ରହିଛନ୍ତି। ସାହାରା ଗତ ୧୦ ବର୍ଷ ମଧ୍ୟରେ ଏହାର ୫,୭୬,୭୭,୩୩୯ ଜଣ ନିବେଶକଙ୍କୁ ମୋଟ ୧,୪୦,୧୫୭.୫୧ କୋଟି ଟଙ୍କା ପଇଠ କରିଛି। ଏହାମଧ୍ୟରୁ କେବଳ ୪୦% ମାମଲା ପୁନଃନିବେଶର ହୋଇଥିବା ବେଳେ ଅବଶିଷ୍ଟଗୁଡିକୁ ନଗଦ ଅର୍ଥ ପଇଠ କରାଯାଇଛି। ଗ୍ରୁପ୍ ପକ୍ଷରୁ ପେମେଂଟ୍‌ରେ ବିଳମ୍ବ ହୋଇଥିବା ସ୍ୱୀକାର କରାଯାଇଛି, ଯାହାକି ମୁଖ୍ୟତଃ ସୁପ୍ରିମକୋର୍ଟଙ୍କ ଦ୍ୱାରା ଗତ ୮ ବର୍ଷ ହେବ ଲାଗୁ କରାଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଯଦି କୌଣସି ଅର୍ଥ ଗ୍ରୁପ୍ (କୋ-ଅପରେଟିଭ୍‌ଗୁଡିକ ସମେତ)ର ସମ୍ପତିକୁ ବିକ୍ରି କରି କିମ୍ବା ବନ୍ଧକ ରଖି କିମ୍ବା ମିଳିତ ଉଦ୍ୟୋଗରୁ ହାସଲ କରାଯାଉଛି ତେବେ ତାହାକୁ ସାହାରା-ସେବି ଆକାଉଂଟ୍‌ରେ ଜମା କରିବାକୁ ପଡୁଛି। ସାହାରା ଅଧିକାରୀ କହିଛନ୍ତି, ସାଂଗଠନିକ କାର୍ଯ୍ୟ ପାଇଁ କିମ୍ବା ନିବେଶକଙ୍କୁ ରିପେମେଂଟ୍ ପାଇଁ ଆମେ ଗୋଟିଏ ଟଙ୍କା ମଧ୍ୟ ବ୍ୟବହାର କରିପାରିବୁ ନାହିଁ। ଅନ୍ୟପକ୍ଷରେ ସାହାରା ବର୍ତମାନ ସୁଦ୍ଧା ସାହାରା-ସେବି ଖାତାରେ ସୁଧ ସମେତ ପ୍ରାୟ ୨୨,୦୦୦ କୋଟି ଟଙ୍କା ଜମା କରିସାରିଛି। ଅନ୍ୟପକ୍ଷରେ ଦେଶବ୍ୟାପୀ ଗତ ୮ ବର୍ଷ ମଧ୍ୟରେ ସେବି ଦ୍ୱାରା ୧୫୪ଟି ଖବରକାଗଜରେ ୪ଟି ପର୍ଯ୍ୟାୟରେ ବିଜ୍ଞାପନ ଦେଇଥିବା ବେଳେ ନିବେଶକଙ୍କୁ ମାତ୍ର ୧୦୬.୧୦ କୋଟି ଟଙ୍କା ପରିଶୋଧ କରିଛି। ପ୍ରାୟ ଏକ ବର୍ଷ ତଳେ ପ୍ରକାଶିତ ଏହାର ଶେଷ ବିଜ୍ଞାପନରେ ସେବି ସ୍ପଷ୍ଟ କରିଥିଲା ଯେ, ଏହା ଅନ୍ୟ କୌଣସି ପ୍ରକାରର ଦାବିକୁ ଗ୍ରହଣ କରିବ ନାହିଁ। ଏହାର ଅର୍ଥ ହେଉଛି ସେବି ପାଇଁ ଆଉ କୌଣସି ଦାବିଦାର ଦାହାନ୍ତି। ସେବି ଅନ୍ୟ କୌଣସି ଦାବି ଗ୍ରହଣ ନକରିବାର ଏକମାତ୍ର କାରଣ ହେଉଛି ସାହାରା ଗ୍ରୁପ୍ ସମସ୍ତ ନିବେଶକଙ୍କ ଅର୍ଥ ପରିଶୋଧ କରିସାରିଛି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ମୁତାବକ, ଏହି ୨୨,୦୦୦ କୋଟି ଟଙ୍କା ଉପଯୁକ୍ତ ଯାଂଚ ପରେ ପୁଣିଥରେ ସାହାରା ନିକଟକୁ ଫେରିବ। ସେହିପରି ସାହାରାର ପ୍ରବକ୍ତା ସ୍ପଷ୍ଟ କରିଛନ୍ତି ଯେ, କିଛି ମିଡିଆ ରିପୋର୍ଟ ସାହାରା ଚିଟ୍ ଫଣ୍ଡ ବ୍ୟବସାୟରେ ଅଛି ବୋଲି ଧାରଣା ସୃଷ୍ଟି କରୁଛନ୍ତି, ଯାହାକି ସମ୍ପୂର୍ଣ୍ଣ ରୂପେ ମିଥ୍ୟା ଓ ଭ୍ରମାତ୍ମକ ସୂଚନା। ସାହାରା ଅତୀତରେ କିମ୍ବା ବର୍ତମାନ କୌଣସି ପ୍ରକାରର ଚିଟ୍ ଫଣ୍ଡ ବ୍ୟବସାୟରେ ନାହିଁ। ସାହାରା ଇଣ୍ଡିଆ ପରିବାରର ସୂଚନା ଅନୁଯାୟୀ, ଗ୍ରୁପ୍ ଏହାର ସମସ୍ତ ଜମାକାରୀଙ୍କୁ ଦେୟ ପ୍ରଦାନ କରିଛି। ଗତ ୪୨ ବର୍ଷ ହେବ ଏହା ନିଜର ସଦସ୍ୟମାନଙ୍କୁ ସେବା ପ୍ରଦାନ କରୁଛି ଏବଂ ଆଗକୁ ଏହା ଜାରି ରଖିବ। ସମସ୍ତ ଆଇନଗତ ପ୍ରକ୍ରିୟାର ଅନୁସରଣ କରାଯାଇ ସଦସ୍ୟମାନଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ତେବେ ଆମେ ବିଳମ୍ବିତ ଅବଧି ପାଇଁ ସୁଧ ମଧ୍ୟ ପ୍ରଦାନ କରୁଛି। ଏସମ୍ପର୍କରେ ଆମର ନିବେଶକମାନଙ୍କୁ ଖବରକାଗଜ ବିଜ୍ଞାପନ ମାଧ୍ୟମରେ ଅବଗତ କରାଯାଇଛି।

# ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ ଶୁଭାରମ୍ଭ କଲା 'ଟୋଟାଲ ହେଲ୍‌ଥ ସ୍କୋର'

ଭୁବନେଶ୍ୱର, (ପିଏନ): ଭାରତରେ ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟା ଅଧିକ ପରିଲକ୍ଷିତ ହେଉଥିବା, ବିଶେଷକରି ସାମ୍ପ୍ରତିକ ମହାମାରୀ ସମୟରେ ଏହା ଅଧିକ ଉତ୍କଟରୂପ ଧାରଣ କରିଥିବା ବିଷୟକୁ ଦୃଷ୍ଟିରେ ରଖି ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଏଫ୍‌ଜିଆଇଆଇ) ଏକ ଅନ୍‌ଲାଇନ ମାନସିକ ସ୍ୱାସ୍ଥ୍ୟ ଆକଳନ ପରୀକ୍ଷା – ଟୋଟାଲ ହେଲ୍‌ଥ ସ୍କୋର ଶୁଭାରମ୍ଭ କରିଛି। ଏହି ଅନନ୍ୟ ସ୍ୱ-ଆକଳନ ବ୍ୟବସ୍ଥା ଜଣେ ବ୍ୟକ୍ତିବିଶେଷଙ୍କୁ ତାଙ୍କର ମାନସିକ ସୁସ୍ଥତା ଆକଳନ କରିବାକୁ ସମର୍ଥ କରାଇବ। ଏଫ୍‌ଜିଆଇଆଇ ପ୍ରତ୍ୟେକଙ୍କୁ ସେମାନଙ୍କର ମାନସିକ ସ୍ୱାସ୍ଥ୍ୟଗତ ବିଷୟକୁ ଗୁରୁତ୍ୱର ସହିତ ବିବେଚନା କରିବାକୁ ପ୍ରୋତ୍ସାହିତ କରୁଛି ଏବଂ ଜଣଙ୍କର ଶାରୀରିକ ସ୍ୱାସ୍ଥ୍ୟଭଳି ଭିତରେ ସୁସ୍ଥ ରହିବାକୁ ହେଲେ ମାନସିକ ସ୍ୱାସ୍ଥ୍ୟ ଠିକ୍ ରଖିବା ଉପରେ ଗୁରୁତ୍ୱ ଦେଉଛି। ଟୋଟାଲ ହେଲ୍‌ଥ ସ୍କୋର ଏକ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ

ଆକଳନ ଯାହା ମାନସିକ ସ୍ୱାସ୍ଥ୍ୟଗତ ସମସ୍ୟାର ଆଦ୍ୟ ଉପସର୍ଗଗୁଡିକୁ ବୁଝିପାରୁଥିବା କାର୍ଯ୍ୟରତ ଚିକିତ୍ସକ ଏବଂ ପରାମର୍ଶଦାତାମାନଙ୍କ ଦ୍ୱାରା ଡିଜାଇନ କରାଯାଇଛି। ଜଣେ ବ୍ୟକ୍ତିବିଶେଷ ଏହି ବ୍ୟବସ୍ଥାରେ ନିଜର ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଆକଳନ କରିବାପରେ ତାଙ୍କୁ ଏକ ସ୍କୋର ପ୍ରଦାନ କରାଯିବ ଯାହା ତାଙ୍କର ସାମ୍ପ୍ରତିକ ମାନସିକ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଅବଗତ କରାଇବ। ଏଥିସହିତ ସେ ମାନସିକ ଚାପ, ଉତ୍କଣ୍ଠା, ଅବସାଦ ଏବଂ ଅନ୍ୟ ତତ୍‌ସମ୍ପର୍କିତ ସମସ୍ୟା ଭଳି ମାନସିକ ସ୍ୱାସ୍ଥ୍ୟ ସହିତ ସଂଯୁକ୍ତ ସମସ୍ୟାଗୁଡିକୁ ବୁଝିବା ଏବଂ ସେଗୁଡିକୁ ପରିଚାଳନା କରିବା ସକାଶେ ନିଜର ଯତ୍ନନେବା ପାଇଁ ଉଦ୍ଦିଷ୍ଟ ବିଷୟବସ୍ତୁର ସୁଯୋଗ ନେଇପାରିବେ। ଏହି ସ୍ୱ-ଯତ୍ନ ବିଷୟବସ୍ତୁ ମାନସିକ ସ୍ୱାସ୍ଥ୍ୟ ବିଶାରଦମାନଙ୍କ ଦ୍ୱାରା ବିଶେଷଭାବେ ଫ୍ୟୁଚର ଜେନେରାଲି ପାଇଁ ବିକଶିତ କରାଯାଇଛି। ଫ୍ୟୁଚର ଜେନେରାଲି ଇଣ୍ଡିଆ ଇନସ୍ୟୁରାନ୍ସର ଏମ୍‌ଡି ତଥା ସିଇଓ ଅନୁପ ରାଉ କହିଛନ୍ତି, 'ଆମ ଗ୍ରାହକଙ୍କ ସହିତ ଆଜୀବନ ଭାଗିଦାର ହେବା ଏବଂ ମାନବୀୟ ସ୍ପର୍ଶ ସହ ବିଶେଷ ଜ୍ଞାନ ପ୍ରଦର୍ଶନ କରିବା ହେଉଛି ଆମର ଲକ୍ଷ୍ୟ। ଭାରତର ସାଂସ୍କୃତିକ ବିଧିବ୍ୟବସ୍ଥା ଏବଂ ପ୍ରତିବନ୍ଧକଗୁଡିକୁ ବାସ୍ତବିକତାର ସହିତ ବୁଝିବା ଏବଂ କେତେକ ଜଟିଳ କଥୋପକଥନକୁ ସମର୍ଥ କରାଇପାରିଲେ ଆମେ ଏହି ଲକ୍ଷ୍ୟ ହାସଲ କରିପାରିବୁ। ଆମେ ସମସ୍ତେ ଜାଣୁ ଯେ ମାନସିକ ସ୍ୱାସ୍ଥ୍ୟକୁ ଏକ ଅନାବଶ୍ୟକ ବିଷୟ ଭାବରେ ବିବେଚନା କରାଯାଏ। ଏକ ବ୍ରାଣ୍ଡ୍ ଭାବରେ ମାନସିକ ସୁସ୍ଥତା ଏବଂ ଏଥିପ୍ରତି ଜନସାଧାରଣଙ୍କ ଆଭିମୁଖ୍ୟକୁ ନେଇ ଏକ ସୁସ୍ଥ ଆଲୋଚନା ଆଗେଇନେବାକୁ ଆମେ ଚାହୁଁ। ମାନସିକତାରେ ପରିବର୍ତ୍ତନର ଆରମ୍ଭ ବିନ୍ଦୁ ହେଉଛି ଶାରୀରିକ ସ୍ୱାସ୍ଥ୍ୟ ଭଳି ମାନସିକ ସ୍ୱାସ୍ଥ୍ୟ ସମପରିମାଣରେ ଗୁରୁତ୍ୱପୂର୍ଣ୍ଣ ବୋଲି ଲୋକଙ୍କୁ ବୁଝାଇବା ଏବଂ ଏହା ପରିମାପ କରିବାକୁ ସେମାନଙ୍କୁ ପର୍ଯ୍ୟାପ୍ତ ଉପାୟ ଯୋଗାଇଦେବା। ଏଣୁ ଆମେ ଟୋଟାଲ ହେଲ୍‌ଥ ସ୍କୋର ସୃଷ୍ଟି କରିଛୁ, ଯାହା ଏକ ସରଳ ପ୍ରଶ୍ନାବଳୀ ଏବଂ ଏପିଆଇ ଭିତ୍ତିକ ସ୍କୋର ବ୍ୟବସ୍ଥା।

# ରେନଲ୍ଟ ଭାରତରେ ୪୧୫ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ନିଜର ନେଟ୍‌ୱର୍କ ଉପସ୍ଥିତି ବିସ୍ତାର କରିଛି

ନୂଆଦିଲ୍ଲୀ,(ପିଏନ): ରେନଲ୍ଟ ଇଣ୍ଡିଆ ପକ୍ଷରୁ ଗତ ଦୁଇ ମାସ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ୩୪ଟି ନୂତନ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ସାମିଲ କରାଯାଇଥିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହା ମୋଟ ୯୦ରୁ ଅଧିକ ସେଲ୍‌ସ ଓ ସର୍ଭିସ୍ ଟଚ୍‌ପଏଂଟ୍‌କୁ ଚିହ୍ନିତ କରୁଛି ଯାହାକୁ ରେନଲ୍ଟ ଗତ ଏକ ବର୍ଷରୁ କମ୍ ସମୟ ମଧ୍ୟରେ ଦେଶବ୍ୟାପୀ ଏହାର ନେଟ୍‌ୱର୍କରେ ସାମିଲ କରିଛି। ବର୍ତମାନର ବିକଶିତ ବଜାରଗୁଡିକରେ ବ୍ରାଣ୍ଡର ଅଭିବୃଦ୍ଧି ପାଇଁ ଏହି ବ୍ୟାପକ ନେଟ୍‌ୱର୍କ ସମ୍ପ୍ରସାରଣ ହେଉଛି ଏକ ରଣନୈତିକ ବ୍ୟବସାୟିକ ଧାନର ଅଂଶବିଶେଷ। ଏହି ନୂତନ ଡିଲରସିପ୍ ଫ୍ୟାସିଲିଟିଗୁଡିକ ମଧ୍ୟପ୍ରଦେଶ, ତାମିଲନାଡୁ, ଉତରପ୍ରଦେଶ, କର୍ଣ୍ଣାଟକ, ଗୁଜରାଟ, ହରିଆନା, ପଞ୍ଜାବ, ତେଲେଙ୍ଗାନା, ଉତରାଖଣ୍ଡ, ରାଜସ୍ଥାନ, ମହାରାଷ୍ଟ୍ର, ହିମାଚଳ ପ୍ରଦେଶ ଓ ପଶ୍ଚିମ ବଙ୍ଗରେ ଅବସ୍ଥିତ। ଏହି ସମ୍ପ୍ରସାରଣ ସହିତ ରେନଲ୍ଟ ଇଣ୍ଡିଆ ଏହାର ନେଟ୍‌ୱର୍କ ଉପସ୍ଥିତିକୁ ୪୧୫ରୁ ଅଧିକ ସେଲ୍‌ସ ଓ ୪୭୫ରୁ ଅଧିକ ସର୍ଭିସ୍ ଟଚ୍‌ପଏଂଟ୍‌କୁ ବୃଦ୍ଧି କରିଛି, ଯେଉଁଥିରେ ଉଲ୍ଲେଖନୀୟ ବିକ୍ରି ଓ ସେବା ଗୁଣମାନ ସହିତ ଦେଶର ବିଭିନ୍ନ ସ୍ଥାନରେ ୨୦୦ରୁ ଅଧିକ ୱର୍କସପ୍ ଅନ୍ ହ୍ୱିଲ୍‌ସ ସାମିଲ ରହିଛି। ଏସମ୍ପର୍କରେ ରେନଲ୍ଟ ଇଣ୍ଡିଆର ସେଲ୍‌ସ୍ ଆଣ୍ଡ ନେଟ୍‌ୱର୍କ ବିଭାଗର ସୁଧୀର ମଲହୋତ୍ରା କହିଛନ୍ତି ରେନଲ୍ଟ ଇଣ୍ଡିଆର ନେଟ୍‌ୱର୍କ ଉପସ୍ଥିତି ରଣନୈତିକ ଭାବେ ସମ୍ପ୍ରସାରିତ ହେଉଛି ଯାହାକି ହେଉଛି ଆମେ ଉଭୟ ଗ୍ରାହକ ଓ ଡିଲର ପାର୍ଟନରଙ୍କଠାରୁ ଗ୍ରହଣ କରୁଥିବା ଉତ୍ସାହଜନକ ପ୍ରତିକ୍ରିୟାର ସାକ୍ଷ୍ୟ ଅଟେ। ବର୍ତମାନ ସମରେ ଆମେ ନୂଆ ଡିଲରଙ୍କୁ ଆକର୍ଷିତ କରିବା ସହିତ ବିଦ୍ୟମାନ ପୁରୁଣା ପାର୍ଟନରଙ୍କଠାରୁ ଅଧିକ ନିବେଶ ଓ ସମ୍ପ୍ରସାରଣ ଅନୁରୋଧ ମଧ୍ୟ ହାସଲ କରୁଛୁ। ଏକ ବର୍ଦ୍ଧିତ ନେଟ୍‌ୱର୍କ ଉପସ୍ଥିତି ଆମ ପାଇଁ ଏହାକୁ ସମ୍ଭବ କରିଛି ଯାହାଫଳରେ ଆମେ ଦେଶବ୍ୟାପୀ ଅଧିକ ଗ୍ରାହକଙ୍କ ଆବଶ୍ୟକତାକୁ ପୂରଣ କରିପାରୁଛୁ ଏବଂ ଆମର ନିରନ୍ତର ବିକ୍ରି ସଂଖ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରୁଛୁ। ରେନଲ୍ଟ ଇଣ୍ଡିଆ ବିଭିନ୍ନ ଶୃଙ୍ଖଳାରେ ଆକର୍ଷଣୀୟ ଅଫର୍ ଘୋଷଣା କରିବା ସହିତ ସରକାରୀ ପବ୍ଲିକ୍ ସେକ୍ଟର କର୍ମଚାରୀ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ସମେତ ଡାକ୍ତର ଓ ଶିକ୍ଷକମାନଙ୍କ ପାଇଁ ସ୍ୱତନ୍ତ୍ର ଅଫର୍‌ମାନ ଘୋଷଣା କରିଛି। ଏହି ଅଫର୍‌ଗୁଡିକ ମଧ୍ୟରେ ୨୨,୦୦୦ ଟଙ୍କାର ଅତିରିକ୍ତ ସ୍ୱତନ୍ତ୍ର ଅଫର୍ ସାମିଲ ରହିଛି ଯାହାକୁ ପୂର୍ବରୁ ଡଷ୍ଟର ଉପରେ ୭୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ, କ୍ୱିଡ୍ ଉପରେ ୪୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଓ ଟ୍ରାଇବର ଉପରେ ୩୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ସହିତ ଆରମ୍ଭ କରାଯାଇଥିବା ଆକର୍ଷଣୀୟ ପାର୍ବଣ ଅଫର୍ ସହିତ ସାମିଲ କରାଯାଇଛି। ରେନଲ୍ଟ ଇଣ୍ଡିଆ ଡିଫେନ୍ସ (ସିଏସ୍‌ଡି) ଓ ପୋଲିସ୍ (ସିପିସି) ସର୍ଭିସ୍‌ମେନ୍‌ଙ୍କ ପାଇଁ ଦେଶବ୍ୟାପୀ ଉପଲବ୍ଧ କ୍ୟାନ୍‌ଟିନ୍ ଷ୍ଟୋର୍‌ଗୁଡିକ ମାଧ୍ୟମରେ ଏକ ବ୍ୟାପକ ଶୃଙ୍ଖଳାର ଉତ୍ପାଦ ପ୍ରଦାନ କରୁଛି। ରେନଲ୍ଟ ପକ୍ଷରୁ କ୍ରୟକୁ ଅଧିକ ସହଜ କରିବା ପାଇଁ ଆକର୍ଷଣୀୟ ଋଣ ଅଫର୍ ମଧ୍ୟ ଘୋଷଣା କରାଯାଇଛି। ଏଥିରେ କ୍ୱିଡ୍ ଓ ଟ୍ରାଇବର୍ ଉପରେ ୩.୯୯%ର ଏକ ସ୍ୱତନ୍ତ୍ର ସୁଧ ହାର ସାମିଲ ରହିଛି। ନୂତନ ଭାବେ ଲଂଚ୍ ହୋଇଥିବା ଡଷ୍ଟର ୧.୩ ଲିଟର ଟର୍ବୋ ଉପରେ ରେନଲ୍ଟ ୨୦,୦୦୦ ଟଙ୍କାର ଲୟାଲ୍‌ଟି ଲାଭ ଓ ୩ ବର୍ଷ କିମ୍ବା ୫୦,୦୦୦ କିମିର ଏକ ସହଜ କେୟାର ପ୍ୟାକେଜ୍ ଘୋଷଣା କରିଛି। ଉତ୍ପାଦ କ୍ଷେତ୍ରରେ ରେନଲ୍ଟ ଇଣ୍ଡିଆ ନିକଟରେ ୨୦୨୦ କ୍ୱିଡ୍ ନିଓଟେକ୍ ଏଡିସନ୍ ଶୁଭାରମ୍ଭ କରିଛି। ଏହି ଲିମିଟେଡ୍ ଏଡିସନରେ ଫାର୍ଷ୍ଟ-ଇନ୍- ସେଗ୍‌ମେଂଟ୍ ଷ୍ଟାଇଲିସ୍ ଓ ଫ୍ରେସ୍ ଡୁଆଲ ଟୋନ୍ ଏକ୍ସଟେରିୟର ଫିଚର ରହିଛି। ଉପଭୋକ୍ତାମାନେ ଦୁଇଟି କଲର୍ କମ୍ବିନେଶନ- ଜାନ୍‌ସ୍କାର ବ୍ଲୁ ବଡି ସହିତ ସିଲ୍‌ଭର ରୁଫ୍ ଏବଂ ସିଲ୍‌ଭର ବଡି ସହିତ ଜାନ୍‌ସ୍କାର ବ୍ଲୁ ରୁଫ୍ ମଧ୍ୟରୁ ଚୟନ କରିପାରିବେ। ୩୦,୦୦୦ ଟଙ୍କାର ଏକ ଇନ୍‌କ୍ରିମେଂଟାଲ ବୃଦ୍ଧି ସହିତ କ୍ୱିଡ୍ ନିଓଟେକ୍ ଏକ ଉନ୍ନତ ଭାଲ୍ୟୁ ପ୍ୟାକେଜ୍ ପ୍ରଦାନ କରୁଛି ଏବଂ ଏକାଧିକ ଉନ୍ନତ ଫିଚର ସହିତ ଗ୍ରାହକଙ୍କ ଲାଭକୁ ସର୍ବାଧିକ କରୁଛି।

# ସଂରକ୍ଷିତ ଜଙ୍ଗଲରୁ ଟ୍ରାକ୍ଟର ଜବତ୍ କରି ବନବିଭାଗ ଛାଡିଦେଲା

କେନ୍ଦୁଝର(ପିଏନ)– କେନ୍ଦୁଝର ସଦର ରେଞ୍ଜ ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଅନ୍ତର୍ଗତ ଭାଲଘର ନାଳରୁ ବେଆଇନଭାବେ ବାଲି ଲୋଡ କରୁଥିବା ଏକ ଟ୍ରାକ୍ଟରକୁ ବନ ବିଭାଗ ଜବତ୍ କରି ପରେ ଛାଡି ଦେବା ଚର୍ଚ୍ଚାର ବିଷୟ ହୋଇଛି। ଟାଉନ ଫରେଷ୍ଟ ସେକ୍ସନ ଅନ୍ତର୍ଗତ ସଂରକ୍ଷିତ ଜଙ୍ଗଲ ଭିତରେ ଥିବା ଭାଲୁଘର ନାଳରୁ ଗୁରୁବାର ଅପରାହ୍ନରେ ବାଲି ଚୋରୀ ହେଉଥିବା ଖବର ପାଇ ସଦର ରେଞ୍ଜର ଅରବିନ୍ଦ ନାୟକ, ଟାଉନ ଫରେଷ୍ଟର ଭୂପତି ସେଠୀ, ବେଲଦା ଫରେଷ୍ଟ ଗାର୍ଡ ମିତ୍ରଭାନୁ ନାୟକ ଅନ୍ୟ ବନ କର୍ମଚାରୀଙ୍କ ସହ ଘଟଣାସ୍ଥଳକୁ ଯାଇ ବାଲି ବୋଝେଇ ଟ୍ରାକ୍ଟର ଗାଡି ଜବତ୍ କରିଥିଲେ। ପରେ ଜବତ୍ ଟ୍ରାକ୍ଟରକୁ ନରଣପୁର ଫରେଷ୍ଟ ଡିପୋରେ ରଖାଯାଇଥିଲା। ତେବେ ଶନିବାର ଦିନ ଭୋର ସମୟରେ ବନ କର୍ମଚାରୀ ଏବଂ ମାଫିଆ ମଧ୍ୟରେ ମୂଲଚାଲ ହେବା ପରେ ଉକ୍ତ ଗାଡିକୁ ଛାଡି ଦିଆଯାଇଥିବା ଅଭିଯୋଗ ହୋଇଛି। ନରଣପୁର ଫରେଷ୍ଟ ଡିପୋ ଭିତରେ ଥିବା ଟ୍ରାକ୍ଟର ଜବତ୍ ସମୟରେ ରେଜିଷ୍ଟ୍ରର ରେ ଲେଖା ଯାଇନଥିବାବେଳେ ସିଜର ଲିଷ୍ଟ କରାଯାଇନାହିଁ। ତେବେ ବିନା ଜିମାନାମରେ ଗାଡି କିପରି ଛଡା କିପରି ଛଡାଗଲା ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ଏସିଏଫ ଘନଶ୍ୟାମ ମହାନ୍ତଙ୍କ ସହ ଯୋଗଯୋଗ କରିବାରୁ ଗାଡି ଜବତ୍ ସମୟରେ ମୋତେ ଅବଗତ କରିନଥିବା କହିଛନ୍ତି। ଡିଏଫଓ ସ୍ୱୟମ ମଲ୍ଲିକଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ ପରେ ପଦକ୍ଷେପ ନିଆଯିବ। ସଦର ରେଞ୍ଜର ଅରବିନ୍ଦ ନାୟକଙ୍କ ସହ ଯୋଗଯୋଗ କରିବାରୁ ଜବତ୍ ଗାଡିର କାଗଜପତ୍ର ଯାଂଚ ପରେ ଛାଡି ଦିଆଯାଇଥିବା ପ୍ରକାଶ କରିଛନ୍ତି। ନେଲୁଙ୍ଗ ସଂରକ୍ଷିତ ଜଙ୍ଗଲ ଏବଂ ମଇଦାନକେଲ, ରଘୁନାଥପୁର ଏବଂ ନରଣପୁର ସଂରକ୍ଷିତ ଜଙ୍ଗଲରୁ ଲଘୁ ଖଣିଜ ସମ୍ପଦ ଅବାଧରେ ଚୋରୀ ହେଉଥିଲେ ହେଁ ବନ ବିଭାଗ ଜାଣି ଚୁପ ରହୁଥିବା ଅଭିଯୋଗ ହୋଇଛି। ସଂରକ୍ଷିତ ଜଙ୍ଗଲ ଭିତରେ ରାସ୍ତା କରି ମାଫିଆମାନେ ଜଙ୍ଗଲ ଧ୍ୱଂସ କରି ବାଲି, ପଥର, ମୋରମ ଚୋରୀ କରୁଥିବାବେଳେ ବନ ବିଭାଗ ନୀରବଦ୍ରଷ୍ଟା ରହୁଛି। ଏପରିକି ଉପରସ୍ଥ ଅଧିକାରୀ ନିୟମିତ ସଂରକ୍ଷିତ ଜଙ୍ଗଲ ପରିଦର୍ଶନରେ ଯାଉନଥିବାରୁ ଏହାର ସୁଯୋଗରେ ତଳତଳିଆ କର୍ମଚାରୀ ମାଫିଆଙ୍କ ସଲାସୁତୁରାରେ ଲଘୁ ଖଣିଜ ସମ୍ପଦ ଲୁଟ କାର୍ଯ୍ୟକୁ ପ୍ରୋତ୍ସାହନ କରୁଛନ୍ତି।

# ଆପାହାତୁ ରେଳ ସାଇଡିଂର ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ଆତ୍ମସାତ ଉଦ୍ୟମ ଅଭିଯୋଗ

ଯୋଡା, (ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣି ମଣ୍ଡଳର ଜୁରୁଡି ସ୍ଥିତ ଏସେଲ୍ ମାଇନିଂ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ କମ୍ପାନୀର ଆପାହାତୁ ସ୍ଥିତ ରେଳ ସାଇଡିଂରେ ଗ୍ରାମବାସୀଙ୍କ ଲୋଡିଂ ଅର୍ଥକୁ ସ୍ଥାନୀୟ ଜଳହରି ସରପ ବାଟ ମାରଣା କରିଥିବା ଅଭିଯୋଗ ହୋଇଛି। ଜଳହରି ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ ଜଣାପଡିଛି ଯେ, ଏସେଲ୍ ଖଣି କମ୍ପାନୀର ନିଜସ୍ୱ ଆପାହାତୁ ରେଳ ସାଇଡିଂରେ ର୍‍ୟାକ୍ ଲୋଡିଂ ଆରମ୍ଭ ହେବା ବେଳେ ସ୍ଥାନୀୟ ଜଳହରି ଗ୍ରାମ ପ ାୟତ ବାସୀ ନିଯୁକ୍ତି, ଲୋଡିଂ ଓ ପରିବହନ କାର୍ଯ୍ୟ ଦାବିକରି ଆନ୍ଦୋଳନ କରିଥିଲେ। କମ୍ପାନୀ କର୍ତୃପକ୍ଷ ସ୍ଥାନୀୟ ସରପ , ସମିତି ସଭ୍ୟ ଓ ସ୍ଥାନୀୟ କିଛି ନେତୃଶ୍ରେଣୀୟ ବ୍ୟକ୍ତି ବିଶେଷଙ୍କ ସହିତ ଆଲୋଚନା କରି ରେଳ ସାଇଡିଂରେ ର୍‍ୟାକରେ ପରିବହନ ହେଉଥିବା ଖଣିଜର ପ୍ରତି ମେଟ୍ରିକ ଟନ୍ ହିସାବରେ ସ୍ଥାନୀୟ ଲୋକଙ୍କୁ ଦିଆଯିବାର ଚୁକ୍ତି ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ପ୍ରତି ର୍‍ୟାକ୍‌ରେ ପରିବହନ ହେଉଥିବା ଖଣିଜର ୮ ଟଙ୍କା ପ୍ରତି ମେଟ୍ରିକ ଟନ୍ ହିସାବରେ କମ୍ପାନୀ ସରପ ଙ୍କ ମାଧ୍ୟମରେ ଦେବାର ଚୁକ୍ତି କରିଥିଲା। ଗତ ପ୍ରାୟ କିଛି ମାସ ପୂର୍ବେ ସ୍ଥାନୀୟ ସରପ ମିତା ମୁଣ୍ଡା କମ୍ପାନୀ ଠାରୁ ପ୍ରାୟ ୪୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଉଠାଇ ନେଇ ସ୍ଥାନୀୟ କିଛି ଗ୍ରାମବାସୀଙ୍କୁ ମାତ୍ର ୧ ହଜାର ଟଙ୍କା ଲେଖାଏଁ ଦେଇ ଏକ ନିର୍ଦ୍ଦିଷ୍ଟ ଦଳର ସମର୍ଥକଙ୍କୁ ୮ ହଜାର ଟଙ୍କା ଲେଖାଏଁ ବନ୍‌ଟନ କରିଥିବାରୁ ଏହାକୁ କେନ୍ଦ୍ରକରି ସ୍ଥାନୀୟ ଅଂଚଳରେ ଉତେଜନା ପ୍ରକାଶ ପାଇ ଟଙ୍କା ପାଇନଥିବା ଗ୍ରାମବାସୀ ମାନେ ସରପ ଙ୍କୁ ପନ୍‌ଚାୟତ କାର୍ଯ୍ୟାଳୟରେ ଘେରି ମିଳିଥିବା ଟଙ୍କାର ହିସାବ କିତାବ ମାଗିଥିଲେ। ମାତ୍ର ସରପ ସେମାନଙ୍କୁ କୌଣସି ହିସାବ କିତାବ ନଦେଇ ଗ୍ରାମବାସୀଙ୍କ ସ୍ୱରକୁ ଚପାଇ ଦେଇଥିଲେ। ଉକ୍ତ ଘଟଣା ପରେ ରେଳ ସାଇଡିଂରେ ପ୍ରାୟ ୬ ମାସ ହେବ ରେଳ ର୍‍ୟାକ୍ ପରିବହନ ହୋଇଛି। ଏହି ପରିବହନ ହୋଇଥିବା ର୍‍ୟାକ ର ଲୋଡିଂ ଅର୍ଥକୁ ସ୍ଥାନୀୟ ସରପ କମ୍ପାନୀ ଠାରୁ ନେଇ ନିଜ ପାଖରେ ରଖି ଦୁର୍ଗାପୂଜାରେ ଲୋକଙ୍କୁ ବା ିନଥିବା ସ୍ଥାନୀୟ ଆଇଟିସି ଗ୍ରାମର ଲାଦୁ ମୁଣ୍ଡା, ଅଭିଯୋଗ କରିଛନ୍ତି। ଜୁରୁଡି ଅଂଚଳର ବିଶିଷ୍ଟ ଶ୍ରମିକ ନେତା ତଥା ସଂଗଠକ ମହେନ୍ଦ୍ର କୁମାର ମହାନ୍ତି, ଓ ତାଙ୍କର ସମର୍ଥକ ମହେଶ୍ୱର ପାତ୍ର, ପ୍ରଭୁରଂଜନ ଶତପଥୀ ପ୍ରମୁଖ ଅଭିଯୋଗ କରିଛନ୍ତି ଯେ, ଆପାହାତୁ ରେଳ ଲୋଡିଂ ଅର୍ଥକୁ ପ୍ରଭାବିତ ସ୍ଥାନୀୟ ଗ୍ରାମବାସୀଙ୍କୁ ଦେବା ପରିବର୍ତେ ଏହାକୁ ଆତ୍ମସାତ କରିବା ଉଦ୍ଦେଶ୍ୟରେ କାହାକୁ ଜଣାଇ ନାହାନ୍ତି। ଏ ସମ୍ପର୍କରେ ଶ୍ରମିକ ନେତା ଜଳହର ସରପ ମିତା ମୁଣ୍ଡାଙ୍କୁ ପଚାରିବାରୁ ସରପ କମ୍ପାନୀ ଠାରୁ ଉଠାଇଥିବା ଟଙ୍କା ସମ୍ପର୍କରେ ତଥ୍ୟ ନଦେଇ ଲୁଚାଉଥିବା ଅଭିଯୋଗ କରିଛନ୍ତି। ଆପାହାତୁ ରେଳ ସାଇଡିଂ ରେ ରେଳ ଲୋଡିଂ ଆରମ୍ଭ ହେବାଠାରୁ ଆଜି ପର୍ଯ୍ୟନ୍ତ ହୋଇଥିବା କାର୍ଯ୍ୟର ହିସାବ କିତାବ ରଖିବାକୁ ଅନୁରୋଧ କରିଥିଲେ ହେଁ ସରପ ଏହାକୁ ଅଣଦେଖା କରୁଥିବା କହିଛନ୍ତି। ସ୍ଥାନୀୟ ସରପ ମିତା ମୁଣ୍ଡା, ପୂର୍ବତନ ସରପ ରାଧାକାନ୍ତ ନାଏକ ଓ ଏକ ନିର୍ଦ୍ଦିଷ୍ଟ ଦଳର କିଛି ସମର୍ଥକଙ୍କ ସହ ମିଶି ଏହି ଅର୍ଥ ହରିଲୁଟ୍ ଉଦ୍ୟମ କରାଯାଉଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଜଳହରି ସରପ ମିତା ମୁଣ୍ଡା କୌଣସି ଉତର ଦେଇନଥିଲେ ହେଲେ ପୂର୍ବତନ ଜଳହରି ସରପ ଇଂ ରାଧାକାନ୍ତ ନାଏକ ପ୍ରତିକ୍ରିୟା ଦେଇ କହିଥିଲେ ଯେ, ଏ ବାବଦରେ ସେ ଅନଭିଜ୍ଞ ତାଙ୍କ ନାମରେ ମିଥ୍ୟା ଅପପ୍ରଚାର କରାଯାଉଛି।

# କମ୍ପାକ୍ଟ ଏସ୍‌ୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜାର ୫.୫ ଲକ୍ଷ ବିକ୍ରି ସହ ଅଗ୍ରଣୀ ସ୍ଥାନ ଅଧିକାର

ଭୁବନେଶ୍ୱର: ଭାରତର ଏକ ନମ୍ବର ଏସୟୁଭି ମାରୁତି ସୁଜୁକି ଭିଟାରା ବ୍ରିଜା ମାତ୍ର ୪.୫ ବର୍ଷର କମ୍ ସମୟ ଭିତରେ ୫.୫ ଲକ୍ଷ ବିକ୍ରି ଉତ୍ସବ ପାଳନ କରିଛି। ବର୍ତମାନ ସୁଦ୍ଧା ଯେକୌଣସି କମ୍ପାକ୍ଟ ଏସ୍‌ୟୁଭି ପାଇଁ ଏହି ସଫଳତା ଦ୍ରୁତତମ। ୨୦୧୬ ଆଦ୍ୟ ଭାଗରେ ଉନ୍ମୋଚିତ ହୋଇଥିବା ଭିଟରା ବ୍ରିଜା କମ୍ପାକ୍ଟ ଏସ୍‌ୟୁଭି କ୍ଷେତ୍ରରେ ଏହାର ଗ୍ଲାମରସ୍ ଲୁକ୍ ସହିତ ବିପ୍ଳବ ଆଣିଥିଲା ଯାହା ପୂର୍ବରୁ ଏହି କ୍ଷେତ୍ରରେ ଦେଖିବାକୁ ମିଳୁନଥିଲା। ଲୁକ୍, ପ୍ରଦର୍ଶନ ଏବଂ ଚଲାଇବାରେ ସହଜତା ଦୃଷ୍ଟିରୁ ଏକ ସମ୍ପୂର୍ଣ୍ଣ ପ୍ୟାକେଜ୍ ଭାବେ ଏହା ଗ୍ରାହକ ଏବଂ କ୍ରିଟିକ୍ (ସମାଲୋଚକ) ପ୍ରଶଂସା ତୁରନ୍ତ ପାଇଥିଲା। ଉତ୍ପତି ସମୟରୁ ବ୍ରାଣ୍ଡ୍ ଭିଟାରା ବ୍ରିଜାକୁ କମ୍ପାକ୍ଟ ଏସ୍‌ୟୁଭି ଗ୍ରାହକମାନଙ୍କ ସ୍‌ବତନ୍ତ୍ର ଜୀବନଶୈଳୀକୁ ବିଚାରକୁ ନେଇ ସେମାନଙ୍କ ଉଦୀୟମାନ ଆବଶ୍ୟକତା ଅନୁସାରେ ଡିଜାଇନ୍ କରାଯାଇଥିଲା। ଗ୍ରାହକମାନଙ୍କ ଆବଶ୍ୟକତାରେ ହେଉଥିବା ଦ୍ରୁତ ପରିବର୍ତନ ପ୍ରତି ପ୍ରତିକ୍ରିୟା ପ୍ରଦାନ କରି ସମ୍ପୂର୍ଣ୍ଣ ନୂଆ ଭିଟାରା ବ୍ରିଜାକୁ ୨୦୨୦ ଅଟୋ ଏକ୍ସପୋରେ ସତେଜ ଭାବେ ଉପସ୍ଥାପନ କରାଯାଇଥିଲା। ଏବେ ଏଥିରେ ସୁଦୃଢ଼ ଏବଂ ଶକ୍ତିଶାଳୀ ୪ ସିଲିଣ୍ଡର ୧.୫ ଲିଟର କେ-ସିରିଜ୍ ବିଏସ୍‌୬ ପେଟ୍ରୋଲ୍ ଇଞ୍ଜିନ ରହିଛି, ସବୁଠୁ ଅଧିକ ପୁରସ୍କାର ପାଇଥିବା ଏହି କମ୍ପାକ୍ଟ ଏସ୍‌ୟୁଭି ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତି ପ୍ରଦାନକରିବା ପାଇଁ ଶକ୍ତି, ସ୍ପୋର୍ଟିନେସ୍ ଓ ସହଜତାର ଏକ ସମ୍ପୂର୍ଣ୍ଣ ସମିଶ୍ରଣ ପ୍ରଦାନ କରୁଛି। ଭିଟାରା ବ୍ରିଜାର ଏକ ନିର୍ଦ୍ଦିଷ୍ଟ ଲାଭ ହେଉଛି ଏହାର ହୁଡ୍ ତଳେ ଏକ ବଡ଼, ପ୍ରତିକ୍ରିୟାଶୀଳ ଓ ପେପି ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ରହିଛି। ଗ୍ରାହକମାନେ ଚାହିଦା ସମୟରେ ଆକର୍ଷଣୀୟ ମାର୍ଜିତ ଏବଂ ଅତୁଳନୀୟ ଶକ୍ତି ପାଇପାରିବେ। ଏହି ସଫଳତା ସମ୍ପର୍କରେ ଶ୍ରୀଯୁକ୍ତ ଶଶାଙ୍କ ଶ୍ରୀବାସ୍ତବ, କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ମାର୍କେଟିଂ ଓ ସେଲସ୍), ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ୍ କହିଛନ୍ତି ଯେ, "ଏହା ଉନ୍ମୋଚନ ହେବା ପରଠାରୁ କମ୍ପାକ୍ଟ ଏସ୍‌ୟୁଭି ବର୍ଗରେ ଏହାର ଦବଦବା ରହିଛି। ଏକ ଧାରା ସୃଷ୍ଟିକାରୀ ଭାବେ ଏହାର ଦୃଢ଼ ଡିଜାଇନ୍ ଭାଷା, ଶକ୍ତିଶାଳୀ ପ୍ରଦର୍ଶନ ଏବଂ ସ୍ପୋର୍ଟି ଚରିତ୍ର ପାଇଁ ଏହା ଏସୟୁଭି ଗ୍ରାହକଙ୍କ ଅଭିଳାଷ ସହ ଯୋଡ଼ିହୋଇଯାଇଛି। ଏହା ଶୀଘ୍ର ସବୁଠୁ ଅଧିକ ପୁରସ୍କାରପ୍ରାପ୍ତ କମ୍ପାକ୍ଟ ଏସ୍‌ୟୁଭିରେ ପରିଣତ ହେବା ସହ ବିକ୍ରି ସାରଣୀରେ ଦବଦବା ବଜାୟ ରଖିଥିଲା। ଶକ୍ତିଶାଳୀ ୧.୫ ଲିଟର ପେଟ୍ରୋଲ୍ ଇଞ୍ଜିନ ଉପସ୍ଥାପନ କରାଯିବା ସହ ଅନେକ ସଂଖ୍ୟକ ଡିଜାଇନ୍ ଅପ୍‌ଡେଟ୍‌କୁ ନେଇ ଭିଟାରା ବ୍ରିଜା ଗ୍ରାହକମାନଙ୍କୁ ଆହୁରି ଉଲ୍ଲସିତ କରିଛି ଏବଂ ଏହି କ୍ଷେତ୍ରରେ ନିଜର ସ୍ଥିତିକୁ ଆହୁରି ସୁଦୃଢ଼ କରିପାରିଛି। ୫.୫ ଲକ୍ଷ ବିକ୍ରି ମାଇଲଖୁଂଟ ସହ ଭିଟାରା ବ୍ରିଜା ହେଉଛି ନିରନ୍ତର ଭାବେ ନବସୃଜନ ପାଇଁ ଆମ ଉଦ୍ୟମର ଶ୍ରେଷ୍ଠ ସ୍ୱୀକୃତି ଏବଂ ପ୍ରଚଳିତ ଗ୍ରାହକ ପସନ୍ଦ ଏବଂ ବଜାର ଧାରା ଅନୁସାରେ ଏହା ମାରୁତି ସୁଜୁକିର ଉତ୍ପାଦ ପୋର୍ଟଫୋଲିଓକୁ ଆହୁରି ସୁଦୃଢ଼ କରିପାରିଛି।''

# କାସ୍‌ଭି ଖଣିର ପରିବହନ କାର୍ଯ୍ୟ ବନ୍ଦ କଲେ ଟ୍ରକ୍ ମାଲିକ ସଂଘ

ଯୋଡା, ୨୩/୧୦(ପିଏନ): କେନ୍ଦୁଝର ଜିଲ୍ଲା ଯୋଡା ଖଣିମଣ୍ଡଳ ଜରିବାହାଲ ସ୍ଥିତ କାସ୍‌ଭି ଖଣିରେ କେତେକ ଦାବିକରି ଜୁରୁଡି ଟ୍ରକ ମାଲିକ ସଂଘ ପକ୍ଷରୁ ପରିବହନ କାର୍ଯ୍ୟକୁ ଶୁକ୍ରବାର ବନ୍ଦ କରିଦିଆଯାଇଛି। ନୂତନ ଲିଜ୍ ପାଇଥିବା କାସ୍‌ଭି ଇ ରନ୍ୟାସନାଲ ପ୍ରାଇଭେଟ୍ ଲିମିଟେଡ୍ କମ୍ପାନୀ ନିଜର ଖଣିଜ ପରିବହନ ପାଇଁ ବାହର ଅଂଚଳର ଭାରିଯାନ ଆଣି ସ୍ଥାନୀୟ ସଂଘର ଗାଡିକୁ ସଂଘରେ ଥିବା ଗାଡିମାନଙ୍କୁ କାର୍ଯ୍ୟ ଦେଉନଥିବା ଅଭିଯୋଗ କରି ଜୁରୁଡି ଟ୍ରକ୍‌ମାଲିକ ସଂଘ ପକ୍ଷରୁ ଧାରଣା ଦିଆଯାଇଥିଲା। ଦୀର୍ଘ ୧୧ ଦିନ ଧାରଣା ଦିଆଯାଇଥିଲେ ହେଁ କମ୍ପାନୀ ପକ୍ଷରୁ ସମାଧାନ ଶୁଣାଣି ନହେବାରୁ ସଂଘ ପକ୍ଷରୁ ପରିବହନ ମୂଲ୍ୟ ସମ୍ପର୍କିତ ଦାବି ପତ୍ର ଦିଆଯାଇଥିଲା। ମାତ୍ର କମ୍ପାନୀ ଏହାକୁ ମଧ୍ୟ ହେୟଜ୍ଞାନ କରୁଥିବାରୁ ଶୁକ୍ରବାର ସଂଘ ପକ୍ଷରୁ ଖଣିର ପରିବହନ କାର୍ଯ୍ୟ ବନ୍ଦ କରିଦିଆଯାଇଥିବା ସଂଘର ବରିଷ୍ଠ କର୍ମକ । ମହେନ୍ଦ୍ର କୁମାର ମହାନ୍ତି, ପ୍ରଭୁରଂଜନ ଶତପଥୀ ପ୍ରମୁଖ ସୂଚନା ଦେଇଛନ୍ତି। ଏଣେ ଏ ନେଇ କାସ୍‌ଭି ଖଣିର ଅଧିକାରୀ ଅନୁପ ରଥ କହିଛନ୍ତି ଯେ ସମାଧାନ ଶୀଘ୍ର କରାଯିବ, ପରିବହନ ମୂଲ୍ୟନେଇ ଆପକ୍ଷ ବୁଝାମଣାରେ ନିଷ୍ପତି ନିଆଯିବ।

## ୮ ସିଫ୍ଟ ଶାଗୁଆନ କାଠ ଜବତ, ଜଣେ ଗିରଫ



କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲାର କିରିବୁର ସେଲ କଲୋନୀରେ ଶୁକ୍ରବାର ସକାଳ ସମୟରେ ବନବିଭାଗର ଏନଫୋର୍ସମେ ସ୍କ୍ୱାର୍ଡ ଅତର୍କିତ ଚଢାଉ କରି ୪୮ ପିସ୍ ଶାଗୁଆନ କାଠ ଜବତ କରିଛି। ଏସିଏଫ୍ ଅଜୟ କୁମାର ସାହୁଙ୍କ ତ ୍ୱାବଧାନରେ ଚମ୍ପୁଆ ରେଞ୍ଜର ଘାସିରାମ ପାତ୍ର, ବଡବିଲ ରେଞ୍ଜର ମାନସ କୁମାର ମୁର୍ମୁ, ମୋବାଇଲ ଫରେଷ୍ଟର ଶଶୀଭୂଷଣ ବାରିକ, ବସନ୍ତ ମୁର୍ମୁଙ୍କ ସମେତ ଅନ୍ୟ ବନ କର୍ମଚାରୀମାନେ କିରିବୁର ସେଲ କଲୋନୀର ଗୌତମ ବାରିକଙ୍କ ଘରେ ଚଢାଉ କରିଥିଲେ। ଚଢାଉବେଳେ ୪୮ ପିସ୍ ଶାଗୁଆନ କାଠ ଜବତ କରାଯାଇଥିଲା, ଯାହାକି ୮ ସିଫ୍ଟ ହେବ ଏବଂ ଏହାର ଆନୁମାନିକ ମୂଲ୍ୟ ୨୫ହଜାର ଟଙ୍କା ହେବ ବୋଲି ଜଣାପଡିଛି।

# କ୍ୟାନନ ଇଣ୍ଡିଆ ଗ୍ରାହକଙ୍କ ପାଇଁ ଆକର୍ଷଣୀୟ ନୂଆ ଅଫର ସହିତ ଉତ୍ସବରେ ଉଲ୍ଲାସ ଭରିଛି

ଭୁବନେଶ୍ୱର: ଚଳିତ ବର୍ଷ ଉତ୍ସବକୁ ପାଳନ କରିବା ଲାଗି ପ୍ରସ୍ତୁତ ହେବା ଏବଂ ଗ୍ରାହକମାନଙ୍କୁ ଉଲ୍ଲସିତ କରିବା ଲାଗି ପ୍ରତିବଦ୍ଧ କ୍ୟାନନ ଇଣ୍ଡିଆ ପକ୍ଷରୁ ଏହି ଉତ୍ସବ ଋତୁରେ ଖୁସିକୁ ଦ୍ୱିଗୁଣିତ କରିବା ଲାଗି ଅନେକ ଗ୍ରାହକ କୈନ୍ଦ୍ରୀକ ଅଫର ଓ ସୁବିଧା ଘୋଷଣା କରାଯାଇଛି। ଏହି ଉତ୍ସବ ଋତୁରେ ଫଟୋଗ୍ରାଫି ସଂସ୍କୃତିର ପ୍ରସାର କରିବା ଏବଂ ଫଟୋଗ୍ରାଫି ପ୍ରେମୀଙ୍କ ମଧ୍ୟରେ ଉତ୍ସାହକୁ ଜାଗ୍ରତ କରିବା ଲାଗି କ୍ୟାନନ ଇଣ୍ଡିଆ ପକ୍ଷରୁ ଏହାର ଇମେଜିଂ ଉତ୍ପାଦ ଉପରେ ଆକର୍ଷଣୀୟ ଅଫର ଘୋଷଣା କରାଯାଇଛି। ରଙ୍ଗଝ ଗ୨୦୦,କିଣା ଉପରେ ଗ୍ରାହକମାନେ ୭୯୯୯/ୟୁ ମୂଲ୍ୟର ବ୍ଲାପଙ୍କଟ ଇୟରବଡ ବିନା ମୂଲ୍ୟରେ ପାଇବେ ଏବଂ ଏହି ରିଡିପଂସନ ଭିତିକ ଅଫର ୨୦୨୦ ଅକ୍ଟୋବର ପର୍ଯ୍ୟନ୍ତ ବୈଧ ରହିବ। ପୁନଶ୍ଚ, ଗ୍ରାହକମାନେ ବର୍ଦ୍ଧିତ ୩ ବର୍ଷର ୱାରେଂଟି ଉପଭୋଗ କରିବେ ଯାହା କ୍ୟାନନର ସମସ୍ତ ଫୁଲ ଫ୍ରେମ କ୍ୟାମେରାରେ ଉପଲବ୍ଧ ହୋଇଛି। ଏହି ଦୁର୍ଗାପୂଜା ଓ ନବରାତ୍ରୀ ପାଳନକୁ ଅଧିକ ଉଲ୍ଲାସର ସହ ପାଳନ କରି ବ୍ରାଣ୍ଡ ପକ୍ଷରୁ କ୍ୟାନନ ସହିତ ଗ୍ରାହକଙ୍କ ସପିଂ ଅନୁଭୂତି ବଢ଼ାଇବା ଲାଗି ସେମାନଙ୍କୁ ଆକର୍ଷଣୀୟ ଇଏମଆଇ ଓ କ୍ୟାସବ୍ୟାକ ଅଫର ପ୍ରଦାନ କରାଯାଉଛି। ଏହି ଆକର୍ଷଣୀୟ ଅଫରକୁ ଉନ୍ମୋଚନ କରି ଶ୍ରୀଯୁକ୍ତ କାଜୁଟାଡା କୋବାୟାସି, ସଭାପତି ଓ ସିଇଓ, କ୍ୟାନନ ଇଣ୍ଡିଆ କହିଛନ୍ତି ଯେ, ଓକ୍ତଙ୍କକ୍ଟସ୍ପ;କୋଭିଡ-୧୯ ପାଇଁ ଚଳିତ ବର୍ଷ ସାରା ବିଶ୍ୱର ବ୍ୟକ୍ତିବିଶେଷ ଓ ସଂସ୍ଥାଗୁଡ଼ିକ ଅଭାବନୀୟ ସ୍ଥିତି ସାମ୍ନା କରିଛନ୍ତି, ମାତ୍ର ଦୃଢ଼ ଭାବେ ଉଭା ହେବା ପାଇଁ ଆମେ ସମସ୍ତେ ସହନଶୀଳତା ଓ ଇଚ୍ଛାଶକ୍ତି ପ୍ରଦର୍ଶନ କରିଛୁ। ଉତ୍ସବ ଋତୁ ପାଖେଇ ଆସିଥିବା ବେଳେ ଚର୍ତୁପାର୍ଶ୍ୱରେ ଖୁସି ବାଂଟିବା ପାଇଁ ଓ ମାନବିକତା ଓ ଏକତ୍ୱର ଭାବ ପାଳନ କରିବା ଲାଗି ଏହା ସମସ୍ତ ପାଇଁ ଏକ ଅବସର। ଯଦିଓ ଚଳିତ ବର୍ଷର ଉତ୍ସବ ପାଳନ କ୍ଷୁଦ୍ର ଆକାରରେ ହେବ, ମାତ୍ର ଆମକୁ ଉପସ୍ଥାପନ କରାଯାଉଥିବା ମୁହୂର୍ତଗୁଡ଼ିକୁ ପାଳନ କରିବା ଅଧିକ ଗୁରୁତ୍ୱପୂର୍ଣ୍ଣ। ଏହି ଉତ୍ସବ ଋତୁରେ ଆମର ଅଫର ଏବଂ ଅଧିକ ସୁବିଧା ଜରିଆରେ ଆମେ ଗ୍ରାହକଙ୍କ ମନରେ ଖୁସି ଆଣିବା ଏବଂ ସେମାନଙ୍କ ଉଲ୍ଲାସକୁ ଦ୍ୱିଗୁଣିତ କରିବାରେ ପ୍ରମୁଖ ପ୍ରତ୍ୟକ୍ଷ ଭୂମିକା ନିର୍ବାହ କରିବାକୁ ଚାହୁଁଛୁ। ଗ୍ରାହକଙ୍କ ଉଲ୍ଲାସ ନେଇ ରହିଥିବା ଆମର ଦର୍ଶନ ଅନୁସାରେ ଆମେ ବାସ୍ତବରେ ବିଶ୍ୱାସ କରୁଛୁ ଯେ ଜଣେ ଖୁସି ଗ୍ରାହକ ବ୍ରାଣ୍ଡର ଉଲ୍ଲେଖନୀୟ ବୃଦ୍ଧି କରିଥାନ୍ତି। ଆମର ସର୍ବଭାରତୀୟ ଅଭିଯାନ ଓ ବ୍ୟକ୍ତିଗତ ସୁହାଇବା ଭଳି ଅଫର ଜରିଆରେ ଆମେ ଆମର ଉତ୍ପାଦ

ଜରିଆରେ ବଜାରକୁ ଅଧିକ୍ ବରାନ୍ୱିତ କରିବା ଏବଂ ଆମର ଅଭିବୃଦ୍ଧିକୁ ବର୍ଷ ଶେଷସୁଦ୍ଧା ବାଇବାକୁ ଆଶା ରଖିଛୁ। ଏହି ଅଫରଗୁଡ଼ିକ କ୍ୟାମେରା ଠାରୁ ଆଗକୁ ବଢ଼ି ପ୍ରିଂଟର ବର୍ଗରେ ମଧ୍ୟ ପ୍ରଦାନ କରାଯାଉଛି।




# ନିର୍ମାଣାଧିନ ଗରାପୁର-ଗଣ୍ଡାକିଆ ରାସ୍ତା ନିମ୍ନମାନର ଅଭିଯୋଗ

### *କାର୍ଯ୍ୟାଦେଶ ବାତିଲ ଓ ନୂତନ ଠିକାଦାର ନିଯୁକ୍ତି ଦାବି*



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ଅଧିନସ୍ଥ ନିର୍ମାଣାଧିନ ଗରାପୁର- ଗଣ୍ଡାକିଆ ରାସ୍ତା ଅତ୍ୟନ୍ତ ନିମ୍ନମାନର ହେଉଥିବା ବେଳେ ଧାର୍ଯ୍ୟ ଗୁଣବତ୍ତା ସାମଗ୍ରୀ ବ୍ୟବହାର ହେଉନଥିବା ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ ଗରାପୁରସ୍ଥିତ ଜିଲ୍ଲାପାଳଙ୍କ ଆବାସିକ କାର୍ଯ୍ୟାଳୟ ସମ୍ମୁଖ ଭି.ଆଇ.ପି. ରୋଡ ଠାରୁ କାଳି ମନ୍ଦିର, ସାନ୍ତସାହି ଦେଇ କେନାଲ ରୋଡରେ ଗଣ୍ଡାକିଆ ଯାଇଥିବା ୧୨ କିଲୋମିଟର ରାସ୍ତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସେହି ରାସ୍ତା ଦେଇ ଜିଲ୍ଲାର ଅର୍ଦ୍ଧାଧିକ ଲୋକ, ସ୍କୁଲ, କଲେଜର ଛାତ୍ରଛାତ୍ରୀ, ଡାକ୍ତରଖାନା, କେନ୍ଦ୍ରାପଡା ବ୍ଲକ ଓ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଏବଂ ଜିଲ୍ଲା ଅଦାଲତ ପ୍ରଭୃତିକୁ ଯାତାୟତ କରିଥାନ୍ତି । ଏଥିସହିତ କଟକ ଏବଂ ଭୁବନେଶ୍ୱରରୁ ପଟ୍ଟାମୁଣ୍ଡାଇ, ରାଜନଗର, ମହାକାଳପଡା ବ୍ଲକ ସମେତ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ୫ଟି ପଞ୍ଚାୟତର ଅଧିବାସୀମାନେ ବସ, ବାଇକ, କାର ପ୍ରଭୃତିରେ ଯାତାୟତ କରିଥାନ୍ତି । ଏହାବ୍ୟତିତ ଏହି ରାସ୍ତା ଦେଇ ଦୈନିକ ଶହ ଶହ ମାଲ ବୋଝେଇ ଟ୍ରକ ଯାତାୟତ କରିଥାଏ । କିନ୍ତୁ ଅପ୍ରଶସ୍ତ ଏବଂ ନିମ୍ନମାନର କାର୍ଯ୍ୟ ଯୋଗୁଁ ଦୀର୍ଘବର୍ଷ ହେବ ସେହି ରାସ୍ତାଟି ମରଣଯନ୍ତା ପାଲଟିଥିବା ଅଭିଯୋଗ ହୋଇଛି । କେନ୍ଦ୍ରାପଡା ଗ୍ରାମ୍ୟ ଉନ୍ନୟନ ଡିଭିଜନ- ୧ ପକ୍ଷରୁ ସେହି ରାସ୍ତାର ପ୍ରଶସ୍ତିକରଣ ଓ ଉନ୍ନତିକରଣ ପାଇଁ ୯୭୮. ୮୦ଲକ୍ଷ ଟଙ୍କାର ବ୍ୟୟ ଅଟ୍ଟକଳରେ ମୋଟ ୧୨କିଲୋମିଟର ୪୦୫ମିଟର ରାସ୍ତା ନିର୍ମାଣ ନିମନ୍ତେ ଏବେ ଠିକାଦାରଙ୍କୁ କାର୍ଯ୍ୟନିର୍ବାହ ନିମନ୍ତେ ନିର୍ଦ୍ଦେଶ ଦିଆଯାଇଛି । କିନ୍ତୁ ସଂପୃକ୍ତ ଠିକାଦାର ବିଭାଗର ଅଟ୍ଟକଳ ଅନୁଯାଇ କାର୍ଯ୍ୟ କରୁନଥିବା ଅଭିଯୋଗ ହୋଇଛି । ରାସ୍ତାର ଉଭୟ ପାର୍ଶ୍ୱରେ ୧ମିଟର ଲେଖାଁଏ ସିମେଣ୍ଟ ବଜୁରୀ(୮ଇଞ୍ଚର) ଲଗାଯିବାକୁ ଥିବା ବେଳେ ତାହା କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ଜିଏସବି ୬ଇଞ୍ଚ ଲାଗିନଥିବା, ଡବ୍ଲୁ.ଏମ.ଏମ. ୪ଇଞ୍ଚ କରାଯାଇନଥିବା, ରାସ୍ତାର ଉଭୟ ପାର୍ଶ୍ୱରେ ୧୧ହଜାର ୬୯୯ ଟ୍ରିପ ମାଟି ବ୍ୟବହାର କରାଯିବାକୁ ଥିବା ବେଳେ ମୁଠାଏ ବି ମାଟି ବ୍ୟବହାର କରାନଯାଇ ଦୁଇ ପାର୍ଶ୍ୱକୁ କାଟି ଅତି ଦୁର୍ବଳ ଓ ବିପଦ ସଙ୍କୁଳ କରାଯାଇଥିବା ଅଭିଯୋଗ ହୋଇଛି । ଏହି ରାସ୍ତାର ନିର୍ମାଣ କାର୍ଯ୍ୟରେ ପାଣି ବ୍ୟବହାର କରାଯାଉନଥିବା ବେଳେ କାର୍ଯ୍ୟକୁ ବିଭାଗୀୟ ଯନ୍ତ୍ରୀ ତଦାରଖ କରୁନଥିବା ଅଭିଯୋଗ ହୋଇଛି । ଏତଦବ୍ୟତିତ ଏହି ରାସ୍ତା ନିର୍ମାଣ କାର୍ଯ୍ୟ ନିମ୍ନମାନର ହେଉଥିବା ନେଇ ଲୋକ ଆପତ୍ତି ଏବଂ ଅଭିଯୋଗ କରିବାରେ କେନ୍ଦ୍ରାପଡା ବ୍ଲକରେ ଥିବା କନିଷ୍ଠ ଯନ୍ତ୍ରୀ ବିନୟ ମିଶ୍ର ସେମାନଙ୍କୁ ଧମକ ଚମକ ଦେଉଥିବା ମଧ୍ୟ ଅଭିଯୋଗ ହୋଇଛି । ଏହି କାର୍ଯ୍ୟର ବିଧିବଦ୍ଧ ତଦନ୍ତ କରାଯିବା ସହ ସଂପୃକ୍ତ ଠିକାଦାରଙ୍କ କାର୍ଯ୍ୟାଦେଶ ବାତିଲ କରାଯାଇ ନୂତନ ଠିକାଦାରଙ୍କୁ ନିଯୋଜିତ କରାଯିବାକୁ ୫ଟି ପଞ୍ଚାୟତର ଅଧିବାସୀଙ୍କ ପକ୍ଷରୁ ଫକିର ଚରଣ ଖଟୁଆ, ସନ୍ତୋଷ କୁମାର ବେହେରା, ଉତ୍ତମ ସ୍ୱାଇଁ, ଅଞ୍ଜନ କୁମାର ମହାପାତ୍ର, ନିରଞ୍ଜନ ପରିଡା,ରଶ୍ମିରଞ୍ଜନ ଚୌଧୁରୀ, ଦିପ୍ତିରଞ୍ଜନ ମହାନ୍ତି, ପ୍ରକାଶ ଚନ୍ଦ୍ର ଲେଙ୍କା, ମହେନ୍ଦ୍ର ପରିଡା, ସୁନାକର ରାଉତ, ଉମାକାନ୍ତ ପରିଡା, ଲଲାଟେନ୍ଦୁ ଖଟୁଆ, ସୁଶାନ୍ତ କୁମାର ଦାସ, ବିଜୟ ପ୍ରଧାନ, ପ୍ରଭାକର ଲେଙ୍କା, ମୁରଲୀଧର ରାଉତ ପ୍ରମୁଖ ଶତାଧିକ ଲୋକ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି ।

## ପଥର ଖାଦାନ ରେ ବୁଡି ଶିଶୁର ମୃତ୍ୟୁ

ଭୁବନେଶ୍ୱର, (ପି.ଏନ): ବାଲେଶ୍ୱର ଜିଲ୍ଲାରେ ଏକ ପରିତ୍ୟକ୍ତ ପଥର ଖାଦାନ ରେ ବୁଡି ଶିଶୁ ମୃତ୍ୟୁ ଘଟିଛି । ଏହାକୁ ନେଇ ସ୍ଥାନୀୟ ଅଂଚଳରେ ପ୍ରବଳ ଉତେଜନା ପ୍ରକାଶ ପାଇଛି ।

ମିଳିଥିବା ସୂଚନା ଅନୁସାରେ ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅଧିନ ଧୋବଶିଳା ପଂଚାୟତ ଚଲଣାପାଳ ଗାଁରେ ଏହି ଅଘଟଣ ଘଟିଛି । ଗାଁ ନିକଟରେ ସ୍ୱର୍ଣ୍ଣଚୁଡ଼ ସଂରକ୍ଷିତ ଜଙ୍ଗଲକୁ ଲାଗିଥିବା ପରିତ୍ୟକ୍ତ ପଥର ଖାଦାନରେ ଜମିଥିବା ପାଣିରେ ବୁଡି ଅଢେଇ ବର୍ଷର ଶିଶୁ ମୃତ ବରଣ କରିଛି । ମୃତକ ହେଲେ ତପନ ସିଂର ଅଢେଇ ବର୍ଷର ଅମିତ । ଗାଁ ରାସ୍ତାଟି ଖାଦାନକୁ ଲାଗିଥିବା ବେଳେ ଶିଶୁଟି ଖେଳୁଥିବା ବେଳେ ଅସାବଧାନତା କାରଣରୁ ଖାଦାନରେ ଖସି ପଡ଼ିଥିଲା ।ଫଳରେ ତାଙ୍କୁ ଖୋଜାଖୋଜି କରିବା ପରେ ଖାଦାନରୁ ଉଦ୍ଧାର କରାଯିବା ବେଳକୁ ତାର ପ୍ରାଣବାୟୁ ଉଡି ଯାଇଥିଲା ।ଶିଶୁଟିର ମୃତ୍ୟୁରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି । ତେବେ ଖାଦାନ କରିବା ପରେ ଖାଲ ପୋତିବା ନିୟମ ଥିବାରୁ ଖାଦାନ ଲିଜଧାରୀ ଖାଦାନ ପରେ ଛାଡ଼ିଦେଇ ଯାଇଥିବାରୁ ବର୍ଷା ପାଣି ଜମି ଏବେ ମରଣ ଯନ୍ତା ପାଲଟିଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ପୂର୍ବରୁ ମଧ୍ୟ ଏହି ଖାଦାନରେ ଜୀବନ ଯାଇଥିବା ସୂଚନା ମିଳିଛି । ତୁରନ୍ତ ସ୍ଥାନୀୟ ଓ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଖାଦାନ ପୋତିବାର ବ୍ୟବସ୍ଥା କରିବାକୁ ଦାବୀ ହୋଇଛି ।

# ବିଶ୍ୱହିନ୍ଦୁ ପରିଷଦ, ବିଜେପି ଓ ବିଜେଡ଼ିର ଜାତିବାଦ ରାଜନୀତି ଦେଶ ଗଠନରେ ବାଧକ ସୃଷ୍ଟି କରୁଛି



ଭୁବନେଶ୍ୱର (ପିଏନ୍)-ଗତ ତାରିଖ ସୋମବାର ଦିନ ଓଡ଼ିଶା ପ୍ରଦେଶ କଂଗ୍ରେସର ୧୦୦ବର୍ଷ ପୂର୍ତ୍ତି ଅସବରରେ ନବରଙ୍ଗପୁର ଜିଲ୍ଲା କଂଗ୍ରେସ କମିଟିର ତରଫରୁ ଏକ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇଥିଲା । ଏହି ସମାବେଶରେ କଂଗ୍ରେସ ଦଳର ଜାତୀୟନେତା ଯଥା ଡ଼ଃ. କହ୍ନେୟା କୁମାର, ଗୁଜୁରାଟର ମାନ୍ୟବର ବିଧାୟକ ତଥା ଦଳିତ ନେତା ଶ୍ରୀ ଜିଗ୍ନେଶ ମେଓ୍ୱାନୀ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିହାର ପ୍ରଦେଶ କଂଗ୍ରେସର ପ୍ରଭାରୀ ଶ୍ରୀ ଭକ୍ତଚରଣ ଦାସ ଓ ଛତିଶଗଡ଼ ରାଜ୍ୟ ସରକାରଙ୍କ କ୍ୟାବିନେଟ୍ ମନ୍ତ୍ରୀ ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ପ୍ରମୁଖ ଯୋଗଦାନ ଦେଇ ଜନସାଧାରଣ ଓ ଯୁବକମାନଙ୍କୁ ଏକତ୍ର ହୋଇ ନିଜକୁ ରାଷ୍ଟ୍ରୀୟ ଏକତ୍ରିକରଣ ସ୍ରୋତରେ ସାମିଲ ହେବା ପାଇଁ ବକ୍ତବ୍ୟ ପ୍ରଦାନ ସହ ହଜାର ହଜାର ସଂଖ୍ୟାରେ ଦଳିତ ଆଦିବାସୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ । ଏହି ସମାବେଶର ସଫଳତାରେ ଈର୍ଷାପରାୟଣ ହୋଇ କିଛି ତଥାକଥିତ ଅସାମାଜିକ ଯୁବକ ଯଥା ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଦଳିତ ନେତା ଜିଗ୍ନେଶ ମେଓ୍ୱାନୀ, ଶ୍ରୀ କହ୍ନେୟା କୁମାର, ଶ୍ରୀ ଲକ୍ଷ୍ମୀ କାଓ୍ୱାସୀ ଓ ଭକ୍ତଚରଣ ଦାସଙ୍କ ପ୍ରତି ଅପମାନ ସୂଚକ ମନ୍ତବ୍ୟ ଦେବା ସହ ଜାତିଆଣ ମନୋଭାବ ରଖି ସଭାସ୍ଥଳକୁ ପବିତ୍ର ଗଙ୍ଗାଜଳ ସିଂଚନ କରୁଥିବା ଭିଡ଼ିଓ ଭାଇରାଲ କରିଛନ୍ତି । ଯାହା ସଂପୂର୍ଣ୍ଣ ଭାବରେ ଦଳିତ ଆଦିବାସୀ ସମାଜର ସମ୍ମାନ ହାନି ହେବା ସହ ତାଙ୍କୁ ଶକ୍ତ ଆଘାତ ଦେଇଛି । ଯାହାଫଳରେ ସେମାନେ ମାନସିକ ଚାପରେ ରହିଛନ୍ତି । ନବରଙ୍ଗପୁର ଜିଲ୍ଲାରେ ଥିବା ଦଳିତ ଆଦିବାସୀମାନଙ୍କ ଭିତରେ ଏହା ତିବ୍ର ଉତେଜନା ସୃଷ୍ଟି କରିଛି । ନବରଙ୍ଗପୁର ଜିଲ୍ଲା ଏକ ଦଳିତ ଆଦିବାସୀ ବହୁଳ ଜିଲ୍ଲା । ଏହି ଜିଲ୍ଲାରେ ପ୍ରାୟ ୧୨% ପ୍ରତିଶତରୁ ଉର୍ଦ୍ଧ ଦଳିତ ଆଦିବାସୀ ବସବାସ କରନ୍ତି । ସ୍ୱର୍ଗତଃ ଜଗନ୍ନାଥ ତ୍ରିପାଠୀଙ୍କ ପୂର୍ବରୁ ଏହିଠାରେ ମିରୁ ହରିଜନ ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ପୋଟାକୋଟା ଗ୍ରାମର ଅର୍ଜୁନ ହରିଜନ କୁଇଟ୍ ଇଣ୍ଡିଆ ମୁଭମେଂଟ୍‌ରେ ବ୍ରିଟିଶ ସରକାରଙ୍କ ଦ୍ୱାରା ଗିରଫ ହୋଇ ୧୯୪୨ ମସିହାରେ ବ୍ରହ୍ମପୁର ସ୍ଥିତ ଜେଲରେ ନଖାଇ ନପିଇ ମୃତ୍ୟୁବରଣ କରି ଦେଶ ପାଇଁ ବଳିଦାନ ଦେଇଥିଲେ । ନବରଙ୍ଗପୁର ଜିଲ୍ଲାର ମାଟିର ସଂ‍ାନ ମାନେ ଦେଶ ସ୍ୱାଧୀନତାରେ ନିଜକୁ ସମର୍ପଣ କରି ସହୀଦ ଲକ୍ଷ୍ମଣ ନାଏକଙ୍କ ସମେତ ଅନେକ ଦଳିତ ଆଦିବାସୀ ନେତା ଦେଶସ୍ୱାଧୀନତାରେ ନିଜକୁ ବଳିଦାନ ଦେଇଛନ୍ତି । ତେଣୁ ଏହି ପବିତ୍ର ମାଟିରେ ବସବାସ କରୁଥିବା ଜନସାଧାରଣ ତଥା ସମଗ୍ର ରାଜ୍ୟର ଦଳିତ ଆଦିବାସୀମାନଙ୍କର ସମ୍ମାନକୁ କ୍ଷୁର୍ଣ୍ଣ କରିବାର ଭଳି ଯେଉଁ ଘୃଣ୍ୟ କାର୍ଯ୍ୟ ଦୋଷୀମାନେ କରିଛନ୍ତି ତାହା ନିନ୍ଦନୀୟ ଓ ଜଘନ୍ୟ ଅପରାଧ । ଶ୍ରୀ ଗୌରୀଶଙ୍କର, ଶ୍ରୀ ହିମାଂଶୁ ଶେଖର ମିଶ୍ର (ଆୟୁଷ ଡାକ୍ତର), ଶ୍ରୀ ମିହିର କୁମାର ମିଶ୍ର ଗଙ୍ଗାଜଳ ସିଂଚନ କରି ନିର୍ଦ୍ଦିଷ୍ଟ ଜାତିର ଭାବଧାରାକୁ ଆକ୍ଷେପ କରି ମନ୍ତବ୍ୟ ଦେବା ଜଘନ୍ୟ ଅପରାଧ । ଏ ସଂପର୍କରେ ତା.୨୯.୧୨.୨୦୨୧ରିଖରେ ନବରଙ୍ଗପୁର ଜିଲ୍ଲା ଆଇ.ଆଇ.ସି.ଙ୍କ ନିକଟରେ ଏକ ଏଫ୍.ଆଇ.ଆର. ଦରଜ କରାଯାଇଅଛି । ପ୍ରକାଶ ଥାଉକି, ଉକ୍ତ ତିନିଜଣ ବ୍ୟକ୍ତି ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ସମର୍ଥକ ଅଟନ୍ତି । ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ଇଙ୍ଗିତରେ ସେମାନେ ଏହି ଘୃଣ୍ୟ କାମ କରିଛନ୍ତି ଯାହା ଦେଶରେ ଜାତି ଓ ଧର୍ମ ନାମରେ ଦେଶକୁ ଭାଗ ଭାଗ କରିବା ବିଶ୍ୱହିନ୍ଦୁ ପରିଷଦ ଓ ବିଜେପି ଦଳର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯିବ । ଭାରତୀୟ ସମ୍ବିଧାନ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କୁ ସମାନ ଅଧିକାର ଦେଇଅଛି । ଏକ ସ୍ୱର୍ଶକାତରତା ଘଟଣା ବିଷୟରେ ଏ ପର୍ଯ୍ୟ‘ ସେଠାକାର ଏସ୍.ପି. ଓ ଜିଲ୍ଲା ପ୍ରଶାସନ କାହିଁକି ନିଜଆଡୁ ସଂପୃକ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ ଏଫ୍.ଆଇ.ଆର. ଦାୟର କରିନାହାନ୍ତି । ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ପ୍ରଶାସନ ଏକ ସ୍ଥାଣୁ ପାଲଟି ଯାଇଛି ପରୋକ୍ଷରେ ସରକାର ଅପରାଧୀମାନଙ୍କୁ ଘଂଟଘୋଡାଇବାରେ ସାହାର୍ଯ୍ୟ କରୁଛନ୍ତି । ଏ ପର୍ଯ୍ୟ‘ କଳାହାଣ୍ଡି ଜିଲ୍ଲାର ମମିତା ମେହେର ହତ୍ୟାଘଟଣାରେ ନ୍ୟାୟ ଦେଇ ପାରୁନାହାନ୍ତି । ସେହି ଜିଲ୍ଲାରେ ଜାତିବାଦ ରାଜନୀତି ଏକ ସ୍ୱର୍ଶକାତରତା ଘଟଣା ଏବଂ ଅସାମ୍ବିଧାନିକ ହୋଇଥିଲେ ମଧ୍ୟ ସରକାର ସେଥିପ୍ରତି ଧ୍ୟାନ ଦେଉନାହାନ୍ତି । ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆ ବସବାସ କରୁଥିବାବେଳେ ପ୍ରଭୂ ଜଗନ୍ନାଥଙ୍କ ନିକଟରେ ସମସ୍ତେ ଜାତି,ଧର୍ମ,ବର୍ଣ୍ଣ ନିର୍ବିଶେଷରେ କୌଣସି ପକ୍ଷପାତ ନଥିବାବେଳେ ନବୀନ ପଟ୍ଟନାୟକ ସରକାର ଉକ୍ତ ଘଟଣାକୁ ଅଣଦେଖା କରିବା ନିନ୍ଦନୀୟ ଅଟେ । ପରୋକ୍ଷରେ ନବୀନ ପଟ୍ଟନାୟକ ସରକାର ସମ୍ବିଧାନ ବିରୋଧି କାର୍ଯ୍ୟ କରିଥିବା ମନେ ହୁଏ । ଏଥି ପାଇଁ ସାଧାରଣରେ ମୁଖ୍ୟମନ୍ତ୍ରୀ ମୁଖ୍ୟମନ୍ତ୍ରୀ କ୍ଷମା ମାଗନ୍ତୁ । ଏଣୁ ସାମ୍ବିଧାନିକ ନିୟମକୁ ଭଙ୍ଗ କରି ଅସମ୍ମାନ କରି ମନୁବାଦକୁ ଆପଣାଇଥିବା ଦଳ ବିଜେପି ଓ ବିଜେଡ଼ି ସମଦାୟୀ । ଏଣୁ ତୁରନ୍ତ ଦଳିତ ନିର୍ଯ୍ୟାତନା ଆଇନ ଅନୁସାରେ ଦୋଷିଙ୍କୁ ଗିରଫ କରିବା ପାଇଁ ଏବଂ ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସମ୍ବିଧାନକୁ ସମ୍ମାନ ଦେବା ପାଇଁ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ପକ୍ଷରୁ ଦାବି କରାଯାଉଛି । ଯଦି ଦୋଷୀମାନଙ୍କ ପ୍ରତି ଖୁବ୍ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ କଂଗ୍ରେସ ଅନୁସୂଚିତ ଜାତିବିଭାଗ ପକ୍ଷରୁ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରାଯିବ । ଏହି ସାମ୍ବାଦିକ ସମ୍ମିଳନୀରେ ପ୍ରଦେଶ କଂଗ୍ରେସ ଅନୁସୂଚୀତ ଜାତି ବିଭାଗ ଅଧ୍ୟକ୍ଷ ଶ୍ରୀ ବାଙ୍କନିଧି ବେହେରା ଅଧ୍ୟକ୍ଷତା କରିଥିବା ବେଳେ ବିଧାୟକ ସଂନ୍ତୋଷି ସିଂ ସାଲୁଜା, ପିସିସି ମୁଖପାତ୍ର ଅମିୟ ପାଣ୍ଡବ, ସାଧାରଣ ସଂପାଦକ ଚିନ୍ମୟ ସୁନ୍ଦର ଦାସ ଓ ଖୋର୍ଦ୍ଧା ଜିଲ୍ଲା ଅନୁସୂଚିତ ଜାତି ବିଭାଗ ଅଧ୍ୟକ୍ଷ ଜୟନ୍ତ ଭୋଇ ଉପସ୍ଥିତ ଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com


## ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବଲି ମହୋତ୍ସବ

ଭୁବନ, (ପି.ଏନ): ଢେ଼ଙ୍କାନାଳ ଜିଲ୍ଲାର ପୁରାତନ ବିଦ୍ୟାଳୟ ଭୁବନ ଉଚ୍ଚ ବିଦ୍ୟାଳୟ ପ୍ଲାଟିନମ ଜୁବୁଲି ( ହୀରକ ଜୟନ୍ତୀ ) ପାଳନ ନିମନ୍ତେ ଚୁଡାନ୍ତ ପ୍ରସ୍ତୁତି ବୈଠକ ପୁରାତନ ଛାତ୍ର କୃଷ୍ଣ ଚନ୍ଦ୍ର ଆଇଚଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ବିଜ୍ଞାନ ଶିକ୍ଷକ ଗଣେଶ୍ୱର ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ବୈଠକରେ ଶତାଧିକ ପୁରାତନ ଛାତ୍ର ଉପସ୍ଥିତ ରହି ନିଜ ନିଜର ପ୍ରସ୍ତାବ ଏବଂ ମତ ରଖିଥିଲେ । ପ୍ଲାଟିନମ୍ ଜୁବଲି ମହୋତ୍ସବ ନିମନ୍ତେ ଏକ କମିଟି ଗଠନ କରାଯାଇଥିଲା । ପଞ୍ଜାବ ନେସନାଲ ବ୍ୟାଙ୍କ (ପି ଏନ୍ ବି) ନୂଆଦିଲ୍ଲୀର ଅବସରପ୍ରାପ୍ତ (ସିଜିଏମ) ପୁରାତନ ଛାତ୍ର ଧନେଶ୍ୱର ସାହୁ ଙ୍କୁ ସର୍ବ ସମ୍ମତ କ୍ରମେ ସଭାପତି ଭାବେ ଚୟନ କରାଯାଇଥିଲା । ନିଶାକର ସାହୁ ସମ୍ପାଦକ, ଦୁର୍ଯ୍ୟୋଧନ ସାହୁ ଉପସଭାପତି, ଅବସରପ୍ରାପ୍ତ ଜିଏମ,ଏସ ବିଆଇ ଗଦାଧର ଦାସ କୋଷାଧକ୍ଷ ଏବଂ କୃଷ୍ଣ ଚନ୍ଦ୍ର ଆଇଚଙ୍କୁ ଆବାହକ ଭାବେ ଚୟନ କରାଯାଇଥିଲା । ମହୋତ୍ସବ ଦୁଇ ଦିନ ଧରି ହେବ । ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ରେ ମହୋତ୍ସବ ପାଳନ କରାଯିବାକୁ ସର୍ବ ସମ୍ମତ କ୍ରମେ ନିଷ୍ପତି ହୋଇଥିଲା । ଚୂଡାନ୍ତ ପ୍ରସ୍ତୁତି ବୈଠକରେ ପୁରାତନ ଛାତ୍ର ନଗରପାଳ ଶୁଭେନ୍ଦୁ କୁମାର ସାହୁ, ଧନେଶ୍ୱର ସାହୁ, ନବକିଶୋର ଗୁରୁ, କୈଳାଶ ଗୁରୁ, ବେଣୁଧର ପୃଷ୍ଟି, ଦିଲ୍ଲୀପ କୁମାର ଦାସ, ନରହରି ସାହୁ, ବ୍ରହ୍ମାନନ୍ଦ ସାହୁ, ସୁବ୍ରତ କୁମାର ସାହୁ, ପ୍ରଭାସ ସେନାପତି, ବିନୋଦ ମହାରଣା, ଦୀପକ ବେହେରା, ଅମ୍ବୁଜ ସାହୁ,ନିରଞ୍ଜନ ଗୁରୁ, ରାମ ଚନ୍ଦ୍ର ରାଉତ, ସନାତନ ଗୁରୁ, ଗଣେଶ୍ୱର ଦାସ, ହୃଷୀକେଶ ସାହୁ, ଅଜୟ କୁମାର ପଣ୍ଡା, ସୁବାସ ଚନ୍ଦ୍ର ମେହେଣା, ପ୍ରେମାନନ୍ଦ ପାଣିଗ୍ରାହୀ, ଡ଼ଃ. ସୁବାଷ ନାୟକ, ଭଗ୍ୱାନ ଗୁରୁ, ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ‘ ସ୍ମରଣିକା ‘ ପାଇଁ ପୁରାତନ ଛାତ୍ର ମାନେ ନଭେମ୍ବର ମାସ ୫ ତାରିଖ ସୁଦ୍ଧା ସେମାନଙ୍କ ଲେଖା ଅଧାପକ କୈଳାସ ଚନ୍ଦ୍ର ଗୁରୁଙ୍କୁ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଥିଲା । କାର୍ଯ୍ୟକ୍ରମ ର ସଫଳତା ପାଇଁ ପୁରାତନ ଛାତ୍ର ମାନେ ଉଭୟ ଅନଲାଇନ୍ ଓ ଅଫଲାଇନ୍ ରେ ୧ ହଜାର ଟଙ୍କା ପ୍ରଦାନ କରି ନାମ ପଞ୍ଜିକରଣ କରିବାକୁ ନିବେଦନ କରାଯାଇଥିଲା । ଏହା ବ୍ୟତୀତ ପୁରାତନ ବହୁ ସଂଖ୍ୟାରେ ଉପସ୍ଥିତ ରହି ନିଜ ସାମର୍ଥ୍ୟ ଅନୁଯାୟୀ ଆର୍ଥିକ ସହଯୋଗ କରିବା ପାଇଁ ଅନୁରୋଧ କରାଯାଇଥିଲା ।

## ହିଙ୍ଗୁଳା ମନ୍ଦିରରେ ନବରାତ୍ର ପୂଜା ଅନୁଷ୍ଠିତ

ଭୁବନ, (ପି.ଏନ): ଭୁବନ ର ପ୍ରସିଦ୍ଧ ଶକ୍ତି ପୀଠ ମା ହିଙ୍ଗୁଳାଙ୍କ ମନ୍ଦିରରେ ମା ହିଙ୍ଗୁଳା, ମା ଶାରଳାଙ୍କ ନବରାତ୍ର ପୂଜା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଗତ ୧୫ ତାରିଖ ଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଦୈନିକ ନିତିକାନ୍ତି ହୋଇ ପୂଜା ଅନୁଷ୍ଠିତ ହୋଇଥିଲା । ମାତା ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଂଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟିନୀ, କାଳରାତ୍ରୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା । ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଭକ୍ତମାନେ ମା ଙ୍କୁ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ ।ପରିଚାଳନା କମିଟି ତରଫରୁ ସଭାପତି ଶଶି ଭୂଷଣ ପୃଷ୍ଟି କର୍ତା ସାଜିଥିଲା ବେଳେ ଦିଲ୍ଲୀପ ଦାସ, ଅମ୍ବୁଜ ସାହୁ, ନିରଞ୍ଜନ ଗୁରୁ, ସତ୍ୟାନନ୍ଦ ପୃଷ୍ଟି, ଖଗେଶ୍ୱର ନାୟକ, ଧନେଶ୍ୱର ସାହୁ, ଦେବେନ୍ଦ୍ର ପୃଷ୍ଟି ଙ୍କ ସମେତ ସମସ୍ତ ସଦସ୍ୟ ସକ୍ରିୟ ଅଂଶଗ୍ରହଣ ଓ ସହଯୋଗ କରିଥିଲେ ।

## ବିଧାୟକଙ୍କଦ୍ୱାରା ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ



ଫୁଲନଖରା (ପିଏନ୍)-ନିଆଳି ବିଧାୟକ ଡାକ୍ତର ପ୍ରଫେସର ପ୍ରମୋଦକୁମାର ମଲିକଙ୍କଦ୍ୱାରା ନବନିର୍ମିତ ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ ଉଦ୍‌ଘାଟିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ବାରଙ୍ଗ ବ୍ଲକ ଅଧ୍ୟକ୍ଷ ସରୋଜକୁମାର ସାହୁ, ବ୍ଲକ ବିଜେଡ଼ି ସଭାପତି ଗୋଲେଖ ପାତ୍ର, ଜିଲାପରିଷଦ ସଭ୍ୟା ପୁଷ୍ପଲତା ପାତ୍ର, ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ସୁଭାଷଚନ୍ଦ୍ର ଗୋଚ୍ଛାୟତ, ଫାର୍ମାସିଷ୍ଟ ଭରତଚନ୍ଦ୍ର ମଲିକ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ସନାତନ ବେହେରା, ଡାକ୍ତର ରେଖା ଭଗତ ପ୍ରମୁଖ ଯୋଗଦେଇଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଥିବା କେନାଲ ପୋଲଟି ଅତି ବିପଦସଂକୁଳ ଅବସ୍ଥାରେ ଥିବାରୁ ଏହାର ତୁରନ୍ତ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ବିଧାୟକଙ୍କ ନିକଟରେ ଦାବି ହୋଇଥିଲା । ଅନ୍ୟମାନଙ୍କ ମଧ୍ୟରେ ରୋଗୀ କଲ୍ୟାଣ ସମିତି ସଭ୍ୟ ଘନଶ୍ୟାମ ପାତ୍ର, ଲଳିତକୁମାର ଦାଶ, ସାମ୍ବାଦିକ ସୁରେନ୍ଦ୍ର ମହାପାତ୍ର, ଗଗନବିହାରୀ ଜେନା, ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସମେତ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ ଏହି ବ୍ୟସ୍ତବହୁଳ ସ୍ୱାସ୍ଥ୍ୟକେନ୍ଦ୍ରଟି ୬୦ ବର୍ଷର ପୁରୁଣା ଘରେ ନାନା ସମସ୍ୟା ମଧ୍ୟ ଦେଇ ଚାଲିଥିଲା ଏବଂ ଜନସାଧାରଣ ବହୁବାର ଦାବି ଓ ଆନ୍ଦୋଳନ କରିବା ପରେ ୫୬ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ବିଲଡ଼ିଙ୍ଗ ନିର୍ମାଣ ହୋଇଛି ।

## ମୁକ୍ତେଶ୍ୱର ଓ ଅନନ୍ତ ଗୋପାଳ ପୀଠରେ ଗୀତା ଜୟନ୍ତୀ ପାଳିତ

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ନୂଆଗାଁ ମୁକ୍ତେଶ୍ୱର ମନ୍ଦିର ପରିସରରେ ସରୋଜିନୀ ସ୍ୱାଇଁ ସ୍ମୃତି ସଂସଦ ପକ୍ଷରୁ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ ଚନ୍ଦ୍ର ସ୍ୱାଇଁଙ୍କ ତତ୍ୱାବଧାନରେ ଆୟୋଜିତ ଗୀତା ଜୟନ୍ତୀ ଉତ୍ସବରେ ଗୀତା ପାଠ ସହିତ ଗୀତା ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଶିକ୍ଷକ ନେତା ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, ଗୋଲକ ଚନ୍ଦ୍ର ପଲେଇ, ଈଶ୍ୱର ଚନ୍ଦ୍ର ପ୍ରଧାନ, କୃଷ୍ଣ ଚନ୍ଦ୍ର ବେହେରା, ପରମାନନ୍ଦ



ପାତ୍ର ଓ ଦେବେନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ଗୀତା ପାଠ କରିଥିଲେ । ଗୀତା ଏକ ଶ୍ରେଷ୍ଠ ଗ୍ରନ୍ଥ ହୋଇଥିବାରୁ ଏହା ମାନବ ଜୀବନ ପାଇଁ ଦୈନିକ ପଠନ ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଉତ୍ସବରେ ସ୍ଥାନୀୟ ଅଂଚଳର ବହୁ ଲୋକ ଯୋଗଦେଇ ଗୀତାପାଠର ଉପକାରିତା ସମ୍ପର୍କରେ ଅବଗତ ହୋଇଥିଲେ । ସେହିପରି ଅରାବଳ ପଂଚାୟତରେ ଶ୍ରୀ ଅନନ୍ତ ଗୋପାଳ ଗୀତା ଭାଗବତ ଅନୁଷ୍ଠାନ ଆନୁକୁଲ୍ୟରେ ୨୫ତମ ଗୀତା ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି । ପ୍ରତିବର୍ଷ ପରି ଗୀତା ଜୟନ୍ତୀ ଅବସରରେ ଗୀତା ପାଠ କରାଯିବା ସହିତ ଯଜ୍ଞ କାର୍ଯ୍ୟ ଅନୁଷ୍ଠିତ ହୋଇଥାଏ । ଏହି ଅବସରରେ ପ୍ରବଚନ କାର୍ଯ୍ୟକ୍ରମ ସହିତ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥାଏ । ଶେଷ ଦିବସରେ ପୂର୍ଣ୍ଣାହୂତି କରାଯିବା ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କୃତ କରାଯାଇଥାଏ ।




# ଆନ୍ଦୋଳନର ଡାକରା ଦେବାରୁ ଶାସନ ବ୍ୟବସ୍ଥାର ନାଲି ଆଖି

ରାଉରକେଲା, (ପିଏନ)- ରାଉରକେଲା ଶିଶୁ ବିକାଶ ଯୋଜନା ଅଧିନରେ କାର୍ଯ୍ୟରତ ଅଙ୍ଗନବାଡି କର୍ମୀ ମାନଙ୍କ ଭିତରୁ କାର୍ଯ୍ୟରେ ଅବହେଳା ଅଭିଯୋଗରେ ସେ ସମୟର ଉପଜିଲ୍ଲାପାଳ ଓ ବର୍ତମାନର ସୁନ୍ଦରଗଡ ଏଡିଏମ ୪ ଜଣ ଅଙ୍ଗନବାଡି କର୍ମଚାରୀଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାର ୨୦ ମାସ ବିତିଲାଣି । ସମ୍ପୃକ୍ତ ୪ ଜଣ ଅଙ୍ଗନବାଡି କର୍ମଚାରୀ ନ୍ୟାୟ ଭିକ୍ଷା କରିବାକୁ ଯାଇ ସୁନ୍ଦରଗଡ ଜିଲ୍ଲାପାଳଙ୍କ ଅଫିସ ଠାରୁ ଆରମ୍ଭକରି ସୁନ୍ଦରଗଡ ଏଡିଏମ, ରାଉରକେଲା ଏଡିଏମଙ୍କ ଅଫିସକୁ ଦଉଡି ଦଉଡି ନ୍ୟାୟ ନପାଇ ଆଗାମୀ ୨୭ ତାରିଖ କିମ୍ବା ନଭେମ୍ବର ୩ ତାରିଖରୁ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତି ନେବା ସହ ଏନେଇ ଜିଲ୍ଲା ପ୍ରଶାସନକୁ ଜଣାଇବା ପରେ ଜିଲ୍ଲା ପ୍ରଶାସନ ସେମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ ନାଲିଆଖି ଦେଖାଇଥିବାର ଅଭିଯୋଗ ହୋଇଛି । ଖବରରୁ ଜଣାପଡିଛି ଯେ, ଏକ ଆନ୍ଦୋଳନରେ ସାମିଲ ହେବା, କାର୍ଯ୍ୟରେ ଅବହେଳା ନେଇ ୨୦୧୯ ମସିହାରେ ମାନସି ଦାସ, ସାବିତ୍ରୀ ରଣା, ବାସନ୍ତୀ ସେଠୀ, ଅଞ୍ଜଳି ପଟେଲ ନାମକ ୪ ଜଣ ମହିଳା କର୍ମୀଙ୍କୁ ସେ ସମୟର ପାନପୋଷ ଉପଜିଲ୍ଲାପାଳ ଚାକିରୀରୁ ବହିଷ୍କାର କରିଥିଲେ ।୧୧-୧-୨୦୧୯ରୁ ଏମାନଙ୍କୁ ବହିଷ୍କାର କରାଜିବା ପରେ ଏମାନେ ନ୍ୟାୟ ପାଇବା ଲାଗି ବାରମ୍ବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇଥିଲେ ।ପରେ ସେମାନେ ଅନ୍ୟାନ୍ୟ ଅଧିକାରୀ ମାନଙ୍କ ପାଖକୁ ମଧ ଯାଇଥିଲେ, ମାତ୍ର ସେମାନଙ୍କର ସମସ୍ୟାକୁ ସମାଧାନ ଆଜିଯାଏ କରାଗଲା ନାହିଁ । ତେବେ ରାଜ୍ୟ ସ୍ତରରେ ଏନେଇ ନିଷ୍ପତି ହେବାପରେ ଜିଲ୍ଲାର ଅଙ୍ଗନବାଡି କର୍ମୀ ସଂଗଠନ ପକ୍ଷରୁ ଆନ୍ଦୋଳନ ଲାଗି ନୋଟିସ୍ ଦେବାପରେ ରାଉରକେଲା ଆଇସିଡିଏସ ଅଧିକାରୀ ତାଙ୍କ ଚିଠି ରେ ରାଉରକେଲାର କର୍ମୀ ମାନଙ୍କୁ ଆନ୍ଦୋଳନରୁ ନିବୃତ ରହିବାକୁ କହିବା ସହ ବହିଷ୍କୃତ କର୍ମୀ ମାନଙ୍କ ସହ ଆନ୍ଦୋଳନକୁ ଗଲେ କଠୋର କାର୍ଯ୍ୟାନୁଷ୍ଠାନ ନିଆଜିବ ବୋଲି କହିଥିବା ଅଭିଯୋଗ ହୋଇଛି । ଏହି ଖବର ଆସିବା ପରେ ଏହା ଗଣତନ୍ତ୍ରର କେଉଁ ନୀତି ବୋଲି ଏବେ ସାଧାରଣରେ ଆଲୋଚନା ହେଉଛି । ଗଣତନ୍ତ୍ରରେ ସମସ୍ତଙ୍କର ନୀରବତା ଓ ଶାନ୍ତିଶୃଙ୍ଖଳାର ସହ ଆନ୍ଦୋଳନ କରିବାର ଅଧିକାର ରହିଛି, କିନ୍ତୁ ଏଭଳି ନିର୍ଦ୍ଦେଶନାମା ବିଭିନ୍ନ ମହଲକୁ ଆଶ୍ଚର୍ଯ୍ୟ କରିଛି । ସମସ୍ତଙ୍କ ମୁହଁରେ ଗୋଟିଏ କଥା ଏ କି ପ୍ରକାର ଶାସନ ? ଅନ୍ୟପକ୍ଷରେ ଏହି ଅଙ୍ଗନବାଡି ସଂଗଠନ ବିଏମଏସ ସମର୍ଥରେ ରହିଥିବା ବେଳେ ବିଏମଏସର ଜିଲ୍ଲାସ୍ତରର କୌଣସି ନେତା ମଧ ଏନେଇ ମୁହଁ ନଖୋଲିବା ସଂଗଠନର ଦଳୀୟ ଏକତା ଉପରେ ଲାଗାଇଛି ବଡ ପ୍ରଶ୍ନବାଚୀ ।

ଏନେଇ ବିଜେପିର ରାଜ୍ୟ ମୁଖପାତ୍ର ଧୀରେନ ସେନାପତିଙ୍କୁ ଯୋଗାଯୋଗ କରାଜିବାରୁ ସେ କହିଲେ , ଏମାନେ ପଲିଟିକାଲ ଆକ୍ରୋଶର ଶୀକାର ହୋଇଛନ୍ତି । ସେମାନେ ଦଳ ସହ ସିଧା ସଳଖ ସମ୍ପୃକ୍ତ ନୁହନ୍ତି, ବିଏମଏସ ସହ ସେମାନେ ରହିଛନ୍ତି, ମୁଖ୍ୟମନ୍ତ୍ରୀ ସବୁ ବେଳେ ମହିଳାଙ୍କ କଥା କହିବା ସହ ସେମାନଙ୍କ ସୁରକ୍ଷା କଥା କହୁଛନ୍ତି , କିନ୍ତୁ ୨୦ ବର୍ଷ ଚାକିରୀ କଲାପରେ ଜଣେ ମହିଳାଙ୍କୁ କୌଣସି ଠୋସ୍ ପ୍ରମାଣ ନଥାଇ ବହିଷ୍କାର କରିଦେବା ତାହା କିଭଳି ନ୍ୟାୟ ବୋଲି ଶ୍ରୀ ସେନାପତି ପ୍ରଶ୍ନ କରିଛନ୍ତି । ଜଦି ଏନେଇ ଆଇସିଡିଏସ ଏଭଳି କିଛି କହିଛି ତେବେ ବିଜେପି ପ୍ରତିନିଧି ଦଳ ତାଙ୍କୁ ଭେଟିବ ବୋଲି ସେ ପ୍ରକାଶ କରିଛନ୍ତି । ସର୍ବୋପରି ଗଣତନ୍ତ୍ରରେ ସମସ୍ତଙ୍କର ଅଧିକାର ରହିଛି ନିଜର ସମସ୍ୟାର ସମାଧାନ କରିବାକୁ ସେମାନେ ଆଗକୁ ଆସିପାରିବେ, ସେମାନଙ୍କୁ ନାଲି ଆଖି ଦେଖାଇବା ଠିକ୍ ନୁହେଁ ।

ସେହିଭଳି ବିଜେପି ନେତା ନିହାର ରାୟ କହିଛନ୍ତି, ନିଜର ହକ୍ ମାଗିବାକୁ ଗଲେ ଏଭଳି କଥା ଯଦି କୁହାଜିବ ତେବେ ତାହା ଦୁର୍ଭାଗ୍ୟଜନକ କଥା, ଯଦି ସେମାନେ ଆନ୍ଦୋଳନକୁ ଜିବେ ତାଙ୍କୁ ବିଜେପି ତରଫରୁ ସମସ୍ତ ପ୍ରକାର ସହଯୋଗ କରାଜିବ ବୋଲି ସେ ପ୍ରକାଶ କରିଛନ୍ତି ।

# ଡଃ.ଶ୍ରୀଧର ସାମଲଙ୍କ କବିତା ସଙ୍କଳନ ପୁସ୍ତକ ନିଃଶବ୍ଦ ଆଳାପ ଲୋକାର୍ପିତ

କେନ୍ଦ୍ରାପଡା,(ପିଏନ)- କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡଃ.ଶ୍ରୀଧର ସାମଲଙ୍କ ଦ୍ୱାରା ରଚିତ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଶୁକ୍ରବାର ସ୍ଥାନୀୟ ଭାରତୀ ବିଦ୍ୟା ମନ୍ଦିର ପରିସରରେ ଅନୁଷ୍ଠିତ ଉତ୍ସବରେ ଲୋକାର୍ପଣ କରାଯାଇଛି । ଏହି ଉପଲକ୍ଷେ ଅବସରପ୍ରାପ୍ତ ପ୍ରାଧ୍ୟାପକ ମୋହନ ଚରଣ ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଭୁବନେଶ୍ୱରର ବନଫୁଲ ପ୍ରକାଶନୀ ଦ୍ୱାରା ପ୍ରକାଶିତ ପୁସ୍ତକ ଲୋକାର୍ପଣ ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡଃ.ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ପ୍ରାଧ୍ୟାପକ ନନ୍ଦ କିଶୋର ପରିଡା, ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ସରୋଜ କୁମାର ମହାନ୍ତି, ସାହିତ୍ୟିକ ଡଃ.ବାସୁଦେବ ଦାସ, ପ୍ରାଧ୍ୟାପକ ତପନ କୁମାର ପତି ପ୍ରମୁଖ ଯୋଗଦେଇ କବି ଡଃ.ସାମଲଙ୍କ ରଚିତ କବିତା ସଙ୍କଳନ ପୁସ୍ତକ "ନିଃଶବ୍ଦ ଆଳାପ"କୁ ଲୋକାର୍ପିତ କରିଥିଲେ । ପୁସ୍ତକ ରଚୟିତା ଡଃ.ସାମଲ ଏକାଧାରରେ ଜଣେ କବି, ପ୍ରାବନ୍ଧିକ,ସୁବକ୍ତା ଓ ପ୍ରକୃତିପ୍ରିୟ ମଣିଷ । ବିଶ୍ୱ ବିଖ୍ୟାତ ପର୍ଯ୍ୟଟନକ୍ଷେତ୍ର ଭିତରକନିକା ଉପରେ ନିବନ୍ଧ ରଚନା କରିବା ସହ ଆକାଶବାଣୀ,କଟକ କେନ୍ଦ୍ରରେ ସୁବକ୍ତା ଭାବରେ ତାଙ୍କର ଉପଲବ୍ଧି ସବୁଠି ରହିଛି । ତାଙ୍କର ଅନେକ ନିବନ୍ଧ ଜାତୀୟ ଓ ଅନ୍ତର୍ଯ୍ୟାତୀୟ ପତ୍ରପତ୍ରିକାରେ ପ୍ରକାଶ ପାଇ ବିପୁଳ ପାଉଠକୀୟତା ଅର୍ଜନ କରିଛି । ଡଃ.ସାମଲ ଅଧୁନା କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଭୁଗୋଳ ବିଭାଗର ପ୍ରାଧ୍ୟାପକ ତଥା ବିଭାଗୀୟ ମୁଖ୍ୟ ଭାବେ କାର୍ଯ୍ୟରତ ଓ ଇନ୍ଦିରାଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱ ବିଦ୍ୟାଳୟ(ଇଗ୍ନୋ), ନୂଆଦିଲ୍ଲୀର ସଂଯୋଜକ ଏବଂ ଓଡିଶା ସରକାରଙ୍କ ବାଳିକା ଆତ୍ମ ସୁରକ୍ଷା କାର୍ଯ୍ୟକ୍ରମର ଜିଲ୍ଲା ସଂଯୋଜକ ଅଛନ୍ତି । ତାଙ୍କର ଏହି ଭିନ୍ନ ସ୍ୱାଦର କବିତା ସଙ୍କଳନଟି ପାଠକ ମହଲରେ ବିଶେଷ ଆଦୃତ ହେବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି ଉତ୍ସବରେ କେନ୍ଦ୍ରାପଡା ସ୍ୱୟଂ ଶାସିତ ମହାବିଦ୍ୟାଳୟର ଉପାଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା, ମାର୍ଶାଘାଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅମୀୟ ଜେନା, ପ୍ରାଧାପକ ଜତୀନ୍ଦ୍ର କୁମାର ରାଉତ, ତ୍ରିଲୋଚନ ପ୍ରଧାନ, କବି ପ୍ରେମାନନ୍ଦ ଖଣ୍ଡୁଆଳ, ବୃନ୍ଦାବନ ଦାସ, ନଳିନୀ ବେହେରା, କ୍ରୀଡା ଶିକ୍ଷକ ଜ୍ୟୋତିର୍ମୟ ଦାସ ପ୍ରମୁଖ ବହୁ ସାହିତ୍ୟପ୍ରେମୀ ଓ ବିଶିଷ୍ଟବ୍ୟକ୍ତିମାନେ ଉପସ୍ଥିତ ଥିଲେ । କୋଭିଡ ନିୟମକୁ ପାଳନ ପୂର୍ବକ ଏହି ଉତ୍ସବ ପାଳନ କରାଯାଇଥିଲା । କବି ନିରଞ୍ଜନ ମେକାପ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜୀବନ କୌଶଳ ଶିକ୍ଷା ମାଧ୍ୟମରେ ରକ୍ତହୀନତା ଦୂର ନିମନ୍ତେ ପ୍ରୟାସ

କନ୍ଧମାଳ,(ପିଏନ)- କନ୍ଧମାଳ ଜିଲ୍ଲାର ଅପହଂଚ ଇଲାକା ବାଲନ୍ଦାପଡା, ଲୁଇସିଙ୍ଗି, କୁଏରମାଣ୍ଡୁ ଓ ପାହିରାଜୁ ଅଂଚଳର ୪୦ ଜଣ କିଶୋରୀ ବାଳିକାଙ୍କୁ ନେଇ ୨ ଦିନିଆ ଜୀବନ କୌଶଳ ଶିକ୍ଷା ସମ୍ବନ୍ଧୀୟ ତାଲିମ୍ ଆୟୋଜିତ ହୋଇଯାଇଅଛି । ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଓ କ୍ରାଏ, କୋଲକାତାଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିଶୁ ମାନଙ୍କର ଅଧିକାର, ଯୌନ ପ୍ରଜନନ ସ୍ୱାସ୍ଥ୍ୟ, ସ୍ୱାସ୍ଥ୍ୟ ଓ ପୁଷ୍ଟି ଶିକ୍ଷା, ଫଳପ୍ରଦ ଯୋଗାଯୋଗ, ଆବେଗ ଜନିତ ଶିକ୍ଷା, ହିଂସା ଓ ଏହାର ପ୍ରକାର ଭେଦ ଇତ୍ୟାଦି ବିଷୟକୁ ଗୁରୁତ୍ୱ ଦେଇ କିଶୋରୀ ମାନେ ଆଗାମୀ ଦିନରେ କିପରି ସୁସଂଗଠିତ ହୋଇ ବାଲ୍ୟ ବିବାହ ଓ ମହିଳା ମାନଙ୍କ ଉପରେ ହେଉଥିବା ଅତ୍ୟାଚାରକୁ ରୋକି ପାରିବେ ତାହା ପ୍ରୟାସ କରାଯାଇଥିଲା । ତାଲିମର ଉଦ୍‌ଯାପନି ଦିବସରେ ଫିରିଙ୍ଗିଆ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀ ଶ୍ରୀମତୀ ମଞ୍ଜୁଳା ପ୍ରଧାନ ଯୋଗଦେଇ ଜୀବନ କୌଶଳ ଶିକ୍ଷା ମାଧ୍ୟମରେ କିଶୋରୀମାନେ ସଚେତନ ହୋଇ ଅଙ୍ଗନଓ୍ୱାଡି କେନ୍ଦ୍ରକୁ ଆସୁଥିବା ବିଭିନ୍ନ ସୁବିଧା ସୁଯୋଗକୁ ହାତେଇ ପାରିବେ ତା ଉପରେ ଗୁରୁତ୍ୱ ଦେଇଥିଲେ । ତତ୍ ସହିତ ପ୍ରତି ସପ୍ତାହର ଶନିବାର ଅଙ୍ଗନଓ୍ୱାଡି କେନ୍ଦ୍ରରେ ଆୟୋଜିତ ହେଉଥିବା କିଶୋରୀ ସ୍ୱାସ୍ଥ୍ୟ ଦିବସରେ ଅଧିକରୁ ଅଧିକ ଯୋଗଦାନ କରି ସ୍ୱାସ୍ଥ୍ୟ ସମ୍ପର୍କୀତ ଶିକ୍ଷା ଗ୍ରହଣ କରିବା ସହିତ ରକ୍ତହୀନତା ଦୂର କରିବା ପାଇଁ ଲୌହ ବଟିକା ନିୟମିତ ସେବନ ନିମନ୍ତେ ଆହ୍ୱାନ ଦେଇଥିଲେ । ଏଥି ସହିତ ବନ୍ଧଗଡ ସେକ୍ଟରର ସୁପରଭାଇଜର ଶ୍ରୀମତି ସଜିତା ସାହୁ ଯୋଗଦେଇ କୋରୋନା ସମୟରେ ସରକାରଙ୍କର ନିୟମକୁ ମାନି ସାମାଜିକ ଦୂରତା, ମାସ୍କର ନିଶ୍ଚିତ ବ୍ୟବହାର ଓ ବାରମ୍ବାର ହାତ ଧୋଇବା ସହିତ ସମସ୍ତ ପ୍ରକାରର ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବା ନିମନ୍ତେ ପରାମର୍ଶ ଦେଇଥିଲେ ।

# ଅଜଣା ରୋଗ ନେଲାଣି ୭ ଜୀବନ, ଗୁଣିଆ ଭରଷାରେ ଗ୍ରାମବାସୀ

ମାଲକାନଗିରି, (ପିଏନ)- ମାଲକାନଗିରି ଜିଲ୍ଲାର କାଲିମେଲା ବ୍ଲକ ଅନ୍ତର୍ଗତ ଦୁର୍ଗମ ସାନଟେକଗୁଡା ଗ୍ରାମରେ ଅଜଣା ରୋଗରେ ଯାଇଛି ୭ ଗ୍ରାମବାସୀଙ୍କ ଜୀବନ । ଗ୍ରାମରେ ଏହି ଘଟଣାକୁ ନେଇ ଏକ ପ୍ରକାର ଆତଙ୍କ ଖେଳିଯାଇଥିବା ବେଳେ ଗୁଣିଆ ସାଜିଛି ଏକ ମାତ୍ର ସାହା ଭରସା ! କାଲିମେଲା ବ୍ଲକ ଦୂର୍ଗମ ଅଂଚଳ ଭାବରେ ପରିଚିତ ସାନଟେକଗୁଡା ଗ୍ରାମରେ ୫୨ ଆଦିବାସୀ ସମ୍ପ୍ରଦାୟ ର ଲୋକେ ବସବାସ କରୁଛନ୍ତି ! ସେମାନଙ୍କ ପାଇଁ ବିଶୁଦ୍ଧ ପାଣି ସାତସପନ ପାଲଟିଛି । ଗ୍ରାମରେ ଥିବା ନଳକୂଅ ପାଣି ପିଇବା ଉପଯୋଗି ନୁହେଁ । ସେଥିରେ ନାଲି ରଙ୍ଗର ଗୋଳିଆ ପାଣି ବାହାରୁଛି । ଲୋକ ମାନେ ବାଧହୋଇ ଏହି ଗୋଳିଆ ପାଣି ପିଇ ମୃତ୍ୟୁମୁଖରେ ପଡୁଥିବାର ଦେଖିବାକୁ ମିଳିଛି ।ଏଥି ସହିତ ଗ୍ରାମବାସୀମାନେ ନିକଟସ୍ଥ ନାଳ ଓ ଝରଣା ପାଣି ମଧ ପିଇବାକୁ ବାଧ ହେଉଛନ୍ତି । ଗ୍ରାମରେ ୩ ବର୍ଷ ତଳେ ୨ଲକ୍ଷ ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ପ୍ରକଳ୍ପ ହୋଇଥିଲେ ମଧ ତାହା ଏବେ ଅକାମୀ ହୋଇପଡ଼ି ରହିଛି । ଫଳରେ ସାନଟେକଗୁଡା ଗ୍ରାମବାସୀ ବିଶୁଦ୍ଧ ପାଣି ଟୋପାଏ ପାଇପାରୁ ନଥିବାର ଅଭିଯୋଗ କରିଛନ୍ତି । ଏହି ଦୂଷିତ ପାଣି ପିଇ ପ୍ରାୟ ୨ମାସଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କ ଜୀବନ ଗଲାଣି । -ସାନଟେକଗୁଡା ଗ୍ରାମରେ ଗତ ୨ମାସ ଭିତରେ ୭ରୁ ଉର୍ଦ୍ଧ୍ୱ ଲୋକଙ୍କର ଜୀବନ ଯାଇଥିଲେ ମଧ ଲୋକମାନେ ଏବେ ବି ସଚେତନ ହୋଇନାହାନ୍ତି । ପାଣି ପିଇ ଯଦି କାହାର ଦେହ ଖରାପ ହୁଏ ଗୁଣିଆ ଦ୍ୱାରା ରୋଗୀମାନଙ୍କୁ ଝଡାଫୁଙ୍କା କରାଯାଉଥିବାର ଦୃଶ୍ୟ ଦେଖିବାକୁ ମିଳିଛି । ଲୋକମାନେ ଡ଼ାକ୍ତରଖାନାଯିବା ପରିବର୍ତେ ଗୁଣିଆ ନିକଟକୁ ଯିବାର ଦେଖି ବାକୁ ମିଳିଛି। ଏହି ଗ୍ରାମବାସୀଙ୍କ ନିକଟରେ ଏ ପର୍ଯ୍ୟନ୍ତ ପହଂଚି ନାହିଁ ନି କୋଣସି ସରକାରୀ ସଚେତନତା । ଯାହା ଫଳରେ ଏହି ଗ୍ରାମରେ ଲୋକମାନେ ଗୁଣିଗାରେଡି ଉପରେ ଭରସା କରି ଆସୁଛନ୍ତି ।

# ଦୁର୍ନୀତି ବିରୋଧରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କଲେ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳର ଅଧାପକ ଓ ଅଧାପିକା

ବାରିପଦା, (ପିଏନ)-ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧକ୍ଷ ଆଦିକନ୍ଦ ଦେଙ୍କ ବିରୋଧରେ ମହାଦୁର୍ନୀତିର ଅଭିଯୋଗ ଆଣି ଘଟଣା ଉପରେ ଜିଲ୍ଲାପାଳଙ୍କ ହସ୍ତକ୍ଷେପ କରିବା ଦାବିରେ ଆଜି ମହାବିଦ୍ୟାଳୟର ଅରବିନ୍ଦ ସେଠୀ, ସମୀର କୁମାର ନାୟକ, ହରପ୍ରିୟା ବେହେରା, ଗୀତିକା ଜେନା, ଜ୍ୟୋତିଶା ମାଝି, ମଧୁସ୍ମିତା ପାତ୍ର, ମନୋଜ ଦଳେଇ, ଗୌରାଙ୍ଗଚନ୍ଦ୍ର ମହାପାତ୍ର, ରାଜୀବ କୁମାର ଗିରି, ତପନ କୁମାର ସାହୁ, ଶୁଭଶ୍ରୀ ନନ୍ଦ, ବିପୀନ ବିହାରୀ ସିଂ, ପଙ୍କଜ କୁମାର ପଣ୍ଡା ପ୍ରମୁଖ ଅଧାପକ, ଅଧାପିକା ପ୍ରମୁଖ ଜିଲ୍ଲାପାଳ ଶ୍ରୀଭରଦ୍ୱାଜଙ୍କୁ ସାକ୍ଷାତ କରି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧାପକ ଓ ଅଧାପିକାମାନଙ୍କ ଅଭିଯୋଗ ଆଧାରରେ ଅଧକ୍ଷ ଶ୍ରୀଦେ ଶହେ କିମ୍ବା ହଜାରେ ନୁହେଁ, ଲକ୍ଷ ଲକ୍ଷ ଟଙ୍କାର ଦୁର୍ନୀତି କରିଛନ୍ତି । ସମସ୍ତଙ୍କୁ ଚୂନ ଲଗାଇ ଏହି ସମସ୍ତ ଟଙ୍କାକୁ ଚଲୁ କରିଛନ୍ତି ମହାବିଦ୍ୟାଳୟର ଅଧକ୍ଷ । ତାହା ପୁଣି ୟୁଜିସି ପକ୍ଷରୁ ମହାବିଦ୍ୟାଳୟକୁ ଆସିଥିବା ଅନୁଦାନ ସହ ମହାବିଦ୍ୟାଳୟରେ କାର୍ଯ୍ୟରତ ଅଧାପକ, ଅଧାପିକ ଓ କର୍ମଚାରୀମାନଙ୍କ ଏରିଆର ଟଙ୍କା, ଅନୁସୂଚିତ ଜାତି ଓ ଜନଜାତି ଛାତ୍ରଛାତ୍ରୀମାନଙ୍କ ଷ୍ଟାଇପେଣ୍ଡ ଟଙ୍କା ସହ ମହାବିଦ୍ୟାଳୟର ପାଣ୍ଠି ଆଦି । ଏହାକୁ ନେଇ ବିବାଦ ଘେରରେ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେ । ଏହି ସମସ୍ତ ଅଭିଯୋଗକୁ ନେଇ ମହାବିଦ୍ୟାଳୟର ଅଧାପକ ସମୀର ରଞ୍ଜନ ନାୟକ ମୁଖ୍ୟମନ୍ତ୍ରୀଙ୍କୁ ନିକଟରେ ଅଭିଯୋଗ କରିଥିଲେ ଏବଂ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ କପ୍ତିପଦା ଉପଜିଲ୍ଲାପାଳ ଭଗବାନ ବେହେରା ଗତ କାଲି ଉଦଳା ଥାନା ଅନ୍ତର୍ଗତ ରାଡ଼ୋ ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟରେ ପହଞ୍ଚିଥିଲେ । ଉପଜିଲ୍ଲାପାଳ ତଦନ୍ତ ଶେଷ କରି ଫେରିବା ସମୟରେ ମହାବିଦ୍ୟାଳୟର ଫାଟକ ସମ୍ମୁଖରେ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଦାବିରେ ମହାବିଦ୍ୟାଳୟର ଛାତ୍ର ଓ ଅନ୍ୟ ଜଣେ ସ୍ଥାନୀୟ ବ୍ୟକ୍ତି ଜାତୀୟ ପତକା ଧରି ରାସ୍ତା ଅବରୋଧ କରିବା ସହ ଗାଡ଼ି ସମ୍ମୁଖରେ ଶୋଇ ଧାରଣାରେ ବସିଥିଲେ । ଉକ୍ତ ଘଟଣାରେ ଆଜି ଉଦଳା ଥାନା ଦାୟିତ୍ୱରେ ଥିବା ଖୁଣ୍ଟା ଥାନା ଆଇଆଇସି ସ୍ୱର୍ଣ୍ଣଲତା ମିଞ୍ଜ ଅଧାପକ ମନ୍ମଥ କୁମାର ପଣ୍ଡା(୪୮), ସୁଶାନ୍ତ କୁମାର ମଲ୍ଲିକ(୨୦) ଓ ରଞ୍ଜିତ୍ କୁମାର ବିଶ୍ୱାଳ(୨୪)ଙ୍କୁ ଆଇପିସି ଧାରା ୩୪୧, ୩୪୨, ୩୫୩, ୨୬୮, ୨୬୯, ୨୭୦, ୧୮୬, ୧୮୮ ଓ ୩୪ ସହ ୧୯୮୭ ମହାମାରୀ ଆକ୍ଟ-୩ ଓ ବିପର୍ଯ୍ୟୟ ପରିଚାଳନା ଆକ୍ଟ-୨୦୦୫ ଧାରା ୫୬ରେ (କେଶ ନମ୍ବର ୨୩୯/୨୦୨୦) ଗିରଫ କରି କୋର୍ଟ ଚାଲାଣ କରିଥିବା ସମୟରେ ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ଥାନାରେ ଦେଇଥିବା ଅଭିଯୋଗ ଉପରେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିନାହିଁ । ଅଧିକନ୍ତୁ, ବିଭିନ୍ନ ସମୟରେ ବାହାରର ବ୍ୟକ୍ତି ଓ ମହିଳାମାନଙ୍କୁ ଲଗାଇ ଅଧକ୍ଷ ଶ୍ରୀଦେ ମହାବିଦ୍ୟାଳୟ ପରିସରରେ ଅଧାପକ, ଅଧାପିକାମାନଙ୍କୁ ଧମକଚମକ ଦେବା ସହ ଜଣେ ଅନୁସୂଚିତ ଜନଜାତି ସମ୍ପ୍ରଦାୟର ଅଧାପିକା ମହାବିଦ୍ୟାଳୟକୁ ଆସୁଥିବା ସମୟରେ ରାସ୍ତାରେ ଲୋକ ଲଗାଇ ଜାତିଆଣା ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳିଗୁଲଜ ଓ ଧମକ ଚମକ ଦେଇଥିଲେ । କେବଳ ଏତିକି ନୁହେଁ ଅଧକ୍ଷ ଶ୍ରୀଦେ ତାଙ୍କ ଭାଇ ଓ ପୁଅଙ୍କୁ ମହାବିଦ୍ୟାଳୟରେ ନିଯୁକ୍ତି ପ୍ରଦାନ କରିଛନ୍ତି । ସେମାନେ ମହାବିଦ୍ୟାଳୟକୁ ଆସୁନଥିବା ବେଳେ ପ୍ରତ୍ୟେକ ମାସ ଦରମା ଉଠାଯାଉଛି । ପୁଣି କେତେକ ଅଧାପକଙ୍କ ଅଗୋଚରରେ ସ୍ୱାକ୍ଷରକୁ ନକଲ କରି କରାଯାଇ ଟଙ୍କା ଉଠାଯାଇଛି । ଲୁଇପା ଡ଼ିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ଶ୍ରୀଦେଙ୍କ ନାମରେ ଏହିପରି ବିଭିନ୍ନ ସଙ୍ଗୀନ ଅଭିଯୋଗ ଆଣି ମହାବିଦ୍ୟାଳୟର ଅଧାପକ, ଅଧାପିକାମାନେ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଆସୁଥିବା ସମୟରେ ଆଜି ଜିଲ୍ଲାପାଳଙ୍କୁ ଭେଟି ନିଜର ଅଭିଯୋଗ ଜଣାଇଛନ୍ତି । ତେବେ ଏହାର ଶେଷ କେଉଁଠି ତାହାକୁ ନେଇ ଉଠିଛି ପ୍ରଶ୍ନ । ଅଧକ୍ଷ ଓ ଅଧାପକମାନଙ୍କ ମଧ୍ୟରୁ ବଳି ପଡ଼ିବ କିଏ । ଏହି ବିବାଦ ମଧରେ ସତ୍ୟର ଜୟ ହେଉଛି ନା ଅସତ୍ୟର ଜୟ ହେଉଛି , ତାହା କେବଳ ପରବର୍ତି ସମୟ ହିଁ କହିବ ।




